## ୨ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଲେ ସରପଞ୍ଚ

**କାଳିଆପାଣି,(ଡି.ଏନ.ଏ.):** ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ୭ ପଞ୍ଚାୟତରେ ବିଜେଡି ସମର୍ଥନରେ ସମିତିସଭ୍ୟ ଓ ସରପଞ୍ଚ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବାବେଳେ କଅଁସ, କାଳିଆପାଣି, ଟିଙ୍ଗୁଡ଼ିପାଳ, ରାଁସୋଳ, କାଙ୍କଡ଼ପାଳ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିପରି ଦଳ ସମର୍ଥନରେ ଉକ୍ତ ପଞ୍ଚାୟତ ଗୁଡ଼ିକ ସମେତ ପିଣ୍ଡିଡ଼ିଆ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଭାଜପା ସମର୍ଥିତ ପ୍ରାର୍ଥୀ କୁହିକା ସରପଞ୍ଚ, ସମିତିସଭ୍ୟ ଓ ପିଣ୍ଡିଡ଼ିଆ ସରପଞ୍ଚ ପଦ ଅକ୍ତିଆର କରିଛନ୍ତି। ରୋଚକ ହୋଇଛି କାଙ୍କଡ଼ପାଳ ପଞ୍ଚାୟତ ଫଳାଫଳ। ଏଠାରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ସଞ୍ଜୟ ପରିଡ଼ା ଭାଜପା ସମର୍ଥିତ ପ୍ରାର୍ଥୀ ପ୍ରିୟବ୍ରତ ଦାସଙ୍କୁ ୨ ଖଣ୍ଡ ଭୋଟରେ ହରାଇଛନ୍ତି।

## ସଂକ୍ଷେପରେ

### ଦ୍ୱିତୀୟ ପର୍ଯ୍ୟାୟ ଗଣତି ଫଳାଫଳ

**ଧର୍ମଶାଳା,୨୭।୨(ଡି.ଏନ.ଏ.):** ଧର୍ମଶାଳା କଲେଜରେ ରବିବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗଣତି ହୋଇଛି। ଏଥିରେ ୧୩ ନଂ. ଜୋନ୍ ଅଧୀନ କୁମାରୀ ପଞ୍ଚାୟତରେ ସମିତିସଭ୍ୟ ଭାବେ ପ୍ରଭାତ ବଳବନ୍ତରାୟ ବିଜୟୀ ହୋଇଛନ୍ତି। ପାଖର ସରପଞ୍ଚ ଭାବେ ସବ୍ୟସାଚୀ ଦାସ ଓ ସମିତିସଭ୍ୟା ଭାବେ ମଲିକ ପରିଡ଼ା ନିର୍ବାଚିତ ହୋଇଛନ୍ତି। ଆରୁହା ସରପଞ୍ଚ ଭାବେ ବଜ୍ରପ୍ରଭା ବଳ ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ସମିତିସଭ୍ୟା ଭାବେ ମମତା ମାଝି ବିଜୟୀ ହୋଇଛନ୍ତି। ଗଙ୍ଗାଧରପୁର ସରପଞ୍ଚ ଭାବେ ତ୍ରିଲୋଚନ ଜେନା ବିଜୟୀ ହୋଇଛନ୍ତି। ସମିତିସଭ୍ୟା ଭାବେ ତ୍ରିଲୋଚନ ବରାଳ ବିଜୟୀ ହୋଇଛନ୍ତି। ଖାଲୁଆଳ ସରପଞ୍ଚ ଭାବେ ନର୍ମଦା ସ୍ୱାଇଁ ଓ ସମିତିସଭ୍ୟ ଭାବେ ସାଗରିକା ଜେନା ବିଜୟୀ ହୋଇଛନ୍ତି। କ୍ଷେତ୍ରପାଳ ସରପଞ୍ଚ ଭାବେ ଫକୀର ନାରାୟଣ ମିଶ୍ର, ସମିତିସଭ୍ୟ ଭାବେ ସୁଚିସ୍ମିତା ଦାସ ବିଜୟୀ ହୋଇଛନ୍ତି। ତରଞ୍ଜିଆ ସରପଞ୍ଚ ଭାବେ ଡଲିରାଣୀ ରାଉତ ଓ ସମିତିସଭ୍ୟ ଭାବେ ଧନେଶ୍ୱର ପାଲ ବିଜୟୀ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ଧର୍ମଶାଳା ବିଡିଓ ଅରବିନ୍ଦ ବେହେରା ଘୋଷଣା କରିଛନ୍ତି।

### ଶିଶୁ ଅଧିକାର, ସୁରକ୍ଷା ସମ୍ପର୍କିତ କର୍ମଶାଳା

**ଯାଜପୁର ଅଫିସ,୨୭।୨:** ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଯାଜପୁର ଟାଉନସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଯାଜପୁର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟଅତିଥି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଶୁଭ୍ରାଂଶୁ ରାୟ, ବ୍ଲକ ଶିକ୍ଷା ଅଧିକାରୀ ସ୍ମୃତିରେଖା ନାୟକ ଯୋଗଦେଇ ଶିଶୁଙ୍କ ଶିକ୍ଷା, ସୁରକ୍ଷା ଓ ଅଧିକାରକୁ ସୁରକ୍ଷିତ ରଖିବାକୁ ସମାଜର ପ୍ରତିଟି ବ୍ୟକ୍ତି ଉଦ୍ୟମ କରିବାକୁ ଆହ୍ୱାନ କରିଥିଲେ। ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ତ୍ରିପାଠୀ, ଅନ୍ନପୂର୍ଣ୍ଣା ମିଶ୍ର, ମୋନାଲିସା ଓଝା, ଅନୀତା ନାୟକ, ମଧୁସ୍ମିତା ବେହେରା, ଅଞ୍ଜନା ଦାସ, ଝୁନୁବାଳା ସାମଲ, ଜୟଶ୍ରୀ ମହାପାତ୍ର, ରଞ୍ଜିତା କର, ମମତା ସେଠୀ ଓ ଶିକ୍ଷକ ମାୟାଧର ବେହେରା ପ୍ରମୁଖ ଯୋଗ ଦେଇ ଶିଶୁ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ନୂଆଦିଲ୍ଲୀର ଜାତୀୟସ୍ତରର ଅନୁଷ୍ଠାନ ନିଶା ପକ୍ଷରୁ ଜାତୀୟସ୍ତରରେ ଅଭିନବ ଶିକ୍ଷା ପ୍ରୟାସ ପାଇଁ ଯାଜପୁର ବ୍ଲକ ଶିକ୍ଷା ଅଧିକାରୀ ସ୍ମୃତିରେଖା ନାୟକଙ୍କୁ ପୁରସ୍କୃତ ଓ ପ୍ରଶଂସିତ କରାଯାଇଥିବାରୁ ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଜେଡି ବଢ଼ିଛି, ଭାଜପା କମିଛି

**ଯାଜପୁର ଅଫିସ,୨୭।୨**


ବରୀ ବ୍ଲକର ଜିସି କଲେଜ ପରିସରରେ ଭୋଟ ଗଣତି କରାଯାଉଛି।

**ପ୍ରଥମ ପର୍ଯ୍ୟାୟ ଫଳାଫଳ**
- ଧର୍ମଶାଳା ଭୋଟକୁ ନେଇ ଚିନ୍ତା
- କଂଗ୍ରେସ ବିଫଳ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଜିଲା ପରିଷଦ ଆସନ ପାଇଁ ପ୍ରଥମ ପର୍ଯ୍ୟାୟ ଚୂଡ଼ାନ୍ତ ଫଳାଫଳ ଭାଜପା ଓ କଂଗ୍ରେସକୁ ନିରାଶ କରିଛି। ସମସ୍ତ ୧୦ ଆସନକୁ ବିଜେଡି ହାତେଇ ନେଇଛି। ହେଲେ ୨୦୧୭ ପଞ୍ଚାୟତ ନିର୍ବାଚନର ଫଳାଫଳକୁ ଅବଲୋକନ କଲେ ଧର୍ମଶାଳାର ୧୧ ନମ୍ବର ଜୋନ୍‌ରେ ଏଥର ବିଜେଡି ବିଜୟୀ ହୋଇଥିଲେ ହେଁ ୧୬୮୨ ଭୋଟ କମ୍ ପାଇଛି। ଅନ୍ୟପକ୍ଷେ ଭାଜପା ଏଠାରେ ୭୬୩୪ ଭୋଟ ବୃଦ୍ଧି କରି ପାରିଥିବାବେଳେ କଂଗ୍ରେସର ପ୍ରାୟ ୪ ହଜାର ଭୋଟ ହ୍ରାସ ହୋଇଛି। ଅବଶିଷ୍ଟ ୯ ଜୋନ୍‌ରେ ବିଜେଡିର ଭୋଟ ମୁଣି ବଢ଼ିଛି। ତେଣୁ ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ନେତାଙ୍କ ପାଇଁ ଏହିପରିସଂଖ୍ୟାନ ଚିନ୍ତାର କାରଣ ହୋଇଛି। କଂଗ୍ରେସରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ଯୁବନେତ୍ରୀ ସ୍ମୃତିରେଖା ପହି ନିକଟରେ ଭାଜପାରେ ଯୋଗଦେଇଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ତାଙ୍କ ନେତୃତ୍ୱରେ ଚାଲିଥିବା ଏହି ଭୋଟର ଫଳାଫଳ ଶାସକଦଳ ପାଇଁ ସତର୍କ ଘଣ୍ଟି ସଦୃଶ୍ୟ ହୋଇଛି ।

ଜିଲାର ବଡ଼ଚଣା ବ୍ଲକକୁ ନେଇ ବଡ଼ଚଣା ନିର୍ବାଚନମଣ୍ଡଳୀ ଗଠିତ ହୋଇଛି। ଏହି ବ୍ଲକର ୧୬ନଂ. ଜିଲା ପରିଷଦ ଜୋନ୍‌ରେ ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ବିଜେଡିର ବିନୋଦିନୀ ସାହୁ ୭,୩୧୦ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ପ୍ରତିଭା ମଲ୍ଲିକଙ୍କୁ ହରାଇ ବିଜୟୀ ହୋଇଥିଲେ। ହେଲେ ଏଥର ଜନାଧାର ସମ୍ପୂର୍ଣ୍ଣ ଭାବେ ଏପଟସେପଟ ହୋଇଛି। ବିଜେଡି ପ୍ରାର୍ଥୀ ଯତୀନ୍ଦ୍ର ପ୍ରସାଦ ନାୟକଙ୍କୁ ୧୫୪୬୪ ଭୋଟ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପବିତ୍ର କୁମାର ରାଉତଙ୍କୁ ୧୧୬୧୪ ଭୋଟ ମିଳିଛି। କଂଗ୍ରେସ ପ୍ରାର୍ଥୀ ପ୍ରଦୀପ୍ତ ମହାନ୍ତି ୨୩୪୨ ଭୋଟ ପାଇ ସନ୍ତୁଷ୍ଟ ହୋଇଛନ୍ତି। ବରୀ ବ୍ଲକର ୨୧ନଂ.ଜୋନ୍‌ରେ ବିଜେଡିର ଅଶୋକ କୁମାର ସାମଲ ୧୩୭୫୭ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଭାଜପାର ତପନ ପଣ୍ଡା ୮୫୮୨ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗତ ନିର୍ବାଚନ ଅପେକ୍ଷା ଭାଜପା ଏଥର ୩୦୫୨ ଭୋଟ ହରାଇଥିବାବେଳେ ବିଜେଡିର ୧୩୧୩ ଭୋଟ ବୃଦ୍ଧି ପାଇଛି। ବିଞ୍ଝାରପୁର ବ୍ଲକର ୨୫ନଂ. ଜୋନ୍‌ରେ ଅହଲ୍ୟା ସ୍ୱାଇଁ ୧୬,୦୯୨ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଭାଜପାର ଅର୍ଚ୍ଚନା ମହାପାତ୍ର ୭୦୨୩ ଭୋଟ ପାଇଛନ୍ତି। ଗତ ନିର୍ବାଚନ ଅପେକ୍ଷା ଏଥର ଭାଜପା ୩୨୫୮ ଭୋଟ ହରାଇଥିବାବେଳେ ବିଜେଡି ମୁଣିକୁ ଅଧିକ ୪୩୮୪ ଭୋଟ ଯାଇଛି। ଦାନଗଦି ବ୍ଲକର ୮ନଂ. ଜୋନ୍‌ରେ ଏଥର ବିଜେଡି ଓ ଭାଜପା ମଧ୍ୟରେ ଟକ୍କର ହୋଇଛି। ବିଜେଡିର ସ୍ମୃତିରାଣୀ ରାଉତ ୧୧,୩୯୮ ଭୋଟ ପାଇଁ ବିଜୟୀ ହୋଇଥିବାବେଳେ ଭାଜପାର ମିଳିରାଣୀ ଚୌଧୁରୀ ୮୯୮୩ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗତ ନିର୍ବାଚନ ଅପେକ୍ଷା ଏଥର ଭାଜପାର ଭୋଟ ୭୭୦୮ ବୃଦ୍ଧି ପାଇଥିବାବେଳେ ବିଜେଡିର ୧୦୩୬ ଭୋଟ ବୃଦ୍ଧି ପାଇଛି। ଏଠାରେ କଂଗ୍ରେସର ଭୋଟ ୭୬୫୧ ହ୍ରାସ ପାଇଛି। ଦଶରଥପୁର ବ୍ଲକର ୪ନଂ. ଜୋନ୍‌ରେ ବିଜେଡିର ପାର୍ଥସାରଥି ମହାପାତ୍ର ସର୍ବାଧିକ ୨୩୧୩୯ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପାର ଶ୍ରୀନିବାସ ପରିଡ଼ା ୬୯୦୩ ଭୋଟ ପାଇଛନ୍ତି। ଗତ ନିର୍ବାଚନ ଅପେକ୍ଷା ଭାଜପା ଏଠାରେ ୪୭୮୨ ଭୋଟ ହରାଇଥିବାବେଳେ ବିଜେଡି ୫୭୫୮ ଭୋଟ ବୃଦ୍ଧି କରିଛି। ଧର୍ମଶାଳା ବ୍ଲକର ୧୧ନଂ.ଜୋନ୍‌ରେ ବିଜେଡିର ସୁଧାଂଶୁ ଭୂଷଣ ସାହୁ ୧୫୨୯୫ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଭାଜପାର ବିଷ୍ଣୁଚରଣ ସାହୁ ଏଠାରେ ୧୧୭୦୬ ଭୋଟ ପାଇ ଦ୍ୱିତୀୟରେ ରହିଛନ୍ତି। ଯାଜପୁର ବ୍ଲକର ୨୯ ନଂ.ଜୋନରେ ଏଥର ଭାଜପା ପ୍ରାର୍ଥୀ ନିର୍ବାଚନ ପୂର୍ବରୁ ଓହରି ଯାଇଥିଲେ। ଫଳରେ ବିଜେଡି ଓ କଂଗ୍ରେସ ମଧ୍ୟରେ ଟକ୍କର ହୋଇଥିଲା। ବିଜେଡିର ପ୍ରେମାନନ୍ଦ ଜେନା ୨୨୨୩୯ ଭୋଟ ପାଇ ବିଜୟୀ ହୋଇଥିବାବେଳେ କଂଗ୍ରେସର ଜଗନ କେତକି ୬୧୭୮ ଭୋଟ ପାଇଛନ୍ତି। ଏଠାରେ ଗତ ନିର୍ବାଚନ ଅପେକ୍ଷା ବିଜେଡି ୭୬୪୧ ଭୋଟ ଓ କଂଗ୍ରେସର ୩୧୨୫ ଭୋଟ ବୃଦ୍ଧି ହୋଇଛି। କୋରେଇ ବ୍ଲକର ୧ ନମ୍ବର ଜୋନରେ ବିଜେଡି ୫୫୪୮ ଭୋଟ ବୃଦ୍ଧି କରି ୧୯୭୮୩ ଭୋଟ ପାଇଛି। ଅନ୍ୟପକ୍ଷେ ଭାଜପା ୨୧୨୫ ଭୋଟ ହରାଇ ୮୧୪୩ ଭୋଟରେ ସୀମିତ ରହିଛି। ରସୁଲପୁର ବ୍ଲକର ୩୩ ନମ୍ବର ଜୋନରେ ଏଥର ଭାଜପା ୪୩୧ ଭୋଟ ହରାଇଥିବାବେଳେ ବିଜେଡି ୪୪୬୭ ଭୋଟ ଅଧିକ ପାଇ ୧୬୮୩୮ ଭୋଟ ହାତେଇଛି। ସୁକିନ୍ଦା ନିର୍ବାଚନ ବ୍ଲକର ୩୭ ନମ୍ବର ଜୋନ୍‌ରେ ଭାଜପା ୫୯୮୯ ଭୋଟ ବଢ଼ାଇ ୮୦୮୮ ଭୋଟ ପାଇଛି। ବିଜେଡି ୧୨୫୭ ଭୋଟ ବୃଦ୍ଧି କରି ୧୫୦୪୦ ଭୋଟ ହାତେଇଛି।

## ୫ ବଖରା ଜଳିଗଲା


**ଧର୍ମଶାଳା,୨୭।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଅରାବଳ ପଞ୍ଚାୟତ ନାଳକୁଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୫ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ରବିବାର ଅପରାହ୍ନ ୧୨ଟା ୩୦ରେ ରୋଷେଇ ଚାଲିଥିବା ବେଳେ ଗ୍ୟାସ ଟାଙ୍କିରେ ନିଆଁଲାଗି ଘରେ ଅଗ୍ନି ସଂଯୋଗ ହୋଇଥିଲା। ଫଳରେ କାହ୍ନୁ ମଳିକଙ୍କ ୨ ବଖରା, ତନୁକାନ୍ତ ମଳିକଙ୍କ ୨ ବଖରା ଓ ବାବନ ମଳିକଙ୍କ ଗୋଟିଏ ବଖରା ଘର ଜଳି ଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଂଶ ହୋଇଯାଇଥିବା ଆକଳନ କରାଯାଇଛି। ତେବେ ତଦନ୍ତ କରାଯାଇ ଅଗ୍ନି ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି ଧର୍ମଶାଳା ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ ସୂଚନା ଦେଇଛନ୍ତି।

## ବିଜୟୀ ୯ ସରପଞ୍ଚ, ସମିତି ସଭ୍ୟ ତାଲିକା ପ୍ରକାଶ

**ଧର୍ମଶାଳା,୨୭।୨(ଡି.ଏନ.ଏ.)**


କୁମାରୀ ପଞ୍ଚାୟତରେ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକ ଖୁସି ମନାଉଛନ୍ତି।

ଧର୍ମଶାଳା ବ୍ଲକ ଅଧୀନ ୧୧ନଂ. ଜିଲା ପରିଷଦ ଜୋନ୍‌ର ନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ଏଥିସହିତ ଏହା ଅନ୍ତର୍ଗତ ୯ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ବିଜୟ ତାଲିକା ଘୋଷଣା କରାଯାଇଛି। ପ୍ରକାଶିତ ତାଲିକା ଅନୁସାରେ, ଏଣ୍ଡଲବା ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ସସ୍ମିତା ଖିଲାର ଓ ସମିତି ସଭ୍ୟା ପ୍ରାର୍ଥୀ ସଙ୍ଗୀତା ବେହେରା ବିଜୟୀ ହୋଇଛନ୍ତି। ରାଇଛନ୍ଦା ସରପଞ୍ଚ ଭାବେ ଦୀପ୍ତିମୟୀ ଜେନା ବିଜୟଲାଭ କରିଛନ୍ତି। ସମିତିସଭ୍ୟା ପ୍ରାର୍ଥୀ ଅନିତା ବେହେରା ନିର୍ବାଚିତ ହୋଇଛନ୍ତି। ଅଞ୍ଜିରା ସରପଞ୍ଚ ପ୍ରାର୍ଥୀ ସୁମିଲା ପାତ୍ର ବିଜୟୀ ହୋଇଛନ୍ତି। ସମିତିସଭ୍ୟା ଭାବେ ସୁନିତା ସ୍ୱାଇଁ ବିଜୟୀ ହୋଇଛନ୍ତି। ମଧୁସୂଦନପୁର ସରପଞ୍ଚ ଭାବେ ରଞ୍ଜୁକ୍ତା ସ୍ୱାଇଁ ବିଜୟୀ ହୋଇଛନ୍ତି। ସମିତିସଭ୍ୟ ଭାବେ ବିଦ୍ୟାଧର ମଳିକ ବିଜୟୀ ହୋଇଛନ୍ତି। କବାଟବନ୍ଧ ସରପଞ୍ଚ ଭାବେ ରବୀନ୍ଦ୍ର ସେନାପତି ଓ ସମିତି ସଭ୍ୟା ପ୍ରାର୍ଥୀ ଭାରତୀ ପାତ୍ର ବିଜୟୀ ହୋଇଛନ୍ତି। ମିର୍ଜାପୁର ସରପଞ୍ଚ ପ୍ରାର୍ଥୀ ବିଜୟ ଦାସ ଓ ସମିତିସଭ୍ୟ ଭାବେ ଅମୂଲ୍ୟ ରାଉତ ବିଜୟୀ ହୋଇଛନ୍ତି। ରେଖିଦେଇପୁର ସରପଞ୍ଚ ଭାବେ ଚନ୍ଦ୍ରାବତୀ ପରିଡ଼ା ଓ ସମିତି ସଭ୍ୟ ଭାବେ ସତ୍ୟବାଦୀ ମଲ୍ଲ ବିଜୟୀ ହୋଇଛନ୍ତି। ତାଳଜଙ୍ଗ ସରପଞ୍ଚ ଭାବେ ବିପିନ ବିହାରୀ ସେଠୀ ଓ ସମିତିସଭ୍ୟା ଭାବେ ବିଶ୍ୱବିଜୟିନୀ ମିଶ୍ର ନିର୍ବାଚିତ ହୋଇଛନ୍ତି। ଚକ୍ରଧରପୁର ସରପଞ୍ଚ ସରୋଜିନୀ ନାୟକ ବିଜୟୀ ହୋଇଥିବାବେଳେ ସମିତିସଭ୍ୟ ଭାବେ ପ୍ରଭାତ ବଳବନ୍ତରାୟ ବିଜୟୀ ହୋଇଛନ୍ତି। ସେହିପରି ରବିବାର ଉକ୍ତ ବ୍ଲକର ୧୨ ଓ ୧୩ ନମ୍ବର ଜୋନ୍‌ର ଗଣତି ଆରମ୍ଭ ହୋଇଛି। ଖବର ଲେଖାହେବା ବେଳକୁ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଆଗୁଆ ରହିଛନ୍ତି। ୧୩ନଂ. ଜୋନ୍ ଅନ୍ତର୍ଗତ କୁମାରୀ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଭାବେ କ୍ଷୀରୋଦପ୍ରଭା ସାମଲ ବିଜୟୀ ହୋଇଛନ୍ତି।

## ଶଙ୍ଖନାଦରେ ବିରୋଧୀ ଧରାଶାୟୀ

**ଯାଜପୁର ଅଫିସ,୨୭।୨**

**ଦ୍ୱିତୀୟ ଦିନ ଭୋଟ ଗଣତି**

ଯାଜପୁର ଜିଲା ପଞ୍ଚାୟତ ନିର୍ବାଚନରେ ବିଜେଡି ଶଙ୍ଖନାଦରେ ବିରୋଧୀ ଧରାଶାୟୀ ହୋଇପଡ଼ିଛନ୍ତି। ରବିବାର ୧୨ ଜିଲା ପରିଷଦ ଆସନ ପାଇଁ ଭୋଟ ଗଣତିରେ ବରୀ ବ୍ଲକର ୨୨ ନଂ. ଜୋନ୍‌ରେ ରାତି ସାଢେ ୭ଟା ପର୍ଯ୍ୟନ୍ତ ରିପୋର୍ଟରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ଚାଲିଥିଲା। ବିଜେଡି ଓ ଭାଜପା ମଧ୍ୟରେ ବ୍ୟବଧାନ ୧୦୦୦ରେ ରହିଛି। ଅନ୍ୟ ୧୧ ଆସନରେ ବିଜେଡି ଏକତରଫା ବିଜୟ ଅଭିମୁଖେ ଗତିକରିଛି।

ଚଳିତ ପଞ୍ଚାୟତ ନିର୍ବାଚନ ଆରମ୍ଭରୁ ବରୀ ନିର୍ବାଚନମଣ୍ଡଳୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏଠାରେ ବିଧାୟିକା ସୁନନ୍ଦା ଦାସ ଓ ଭାଜପାରୁ ବିଜେଡିରେ ଯୋଗଦେଇଥିବା ବିଶ୍ୱରଞ୍ଜନ ମଲ୍ଲିକଙ୍କ ମଧ୍ୟରେ ଏକ ପ୍ରକାର ଟକ୍କର ହେଉଛି। ବରୀ ବ୍ଲକର ୨୧ ଓ ୨୪ ନଂ. ଜୋନ୍ ବିଧାୟିକାଙ୍କ ନେତୃତ୍ୱରେ ଥିବାବେଳେ ୨୨ ଓ ୨୩ ନଂ. ଜୋନ୍ ପରିଚାଳନା ମଲ୍ଲିକଙ୍କୁ ନ୍ୟସ୍ତ କରାଯାଇଥିଲା। ଉଭୟ ନିଜର ପରାକାଷ୍ଠା ଦେଖାଇବାକୁ ବଳ ପ୍ରୟୋଗ କରିଛନ୍ତି। ତେବେ ଗଣତିରେ ୨୨ ନଂ. ଜୋନ୍‌ରେ କିଏ ବିଜୟୀ ହେବେ ସାଢେ ୮ଟା ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଏଠାରେ ବିଜେଡିର ଦିଲୀପ ମହାନ୍ତି ଭାଜପାର କବୀର ଦାସଙ୍କ କଡା ମୁକାବିଲାର ସମ୍ମୁଖୀନ ହୋଇଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଜେଡିର ମହାନ୍ତି ୮୭୫୧ ଭୋଟ ପାଇଥିବାବେଳେ ଭାଜପାର ଦାସ ୭୭୨୦ ଭୋଟ ପାଇଛନ୍ତି। ଉଭୟଙ୍କ ମଧ୍ୟରେ ବ୍ୟବଧାନ ୧୦୩୧ ଭୋଟ ରହିଛି। ୨୦୨୪ ପାଇଁ ବିଜେଡି ନେତ୍ରୀ ଓ ନେତାଙ୍କ ଭାଗ୍ୟ ଏହି ନିର୍ବାଚନ ଫଳାଫଳ ନିର୍ଦ୍ଧାରଣ କରୁଥିବାରୁ ୨୨ ନଂ. ଜୋନ୍ ମଲ୍ଲିକଙ୍କ ପାଇଁ କଷ୍ଟା ହୋଇପାରେ ବୋଲି ଚର୍ଚ୍ଚା ହେଉଛି। କଂଗ୍ରେସର ସୌଭାଗ୍ୟ ରଞ୍ଜନ ଦାସ ୪୪୬୮ ଭୋଟ ପାଇ ଦୌଡ଼ରେ ରହିଛନ୍ତି। ବଡ଼ଚଣା ବ୍ଲକର ୧୭ ଓ ୧୮ ନଂ. ଜୋନରେ ବିଜେଡି ଏକପାଖିଆ ବିଜୟୀ ହେଉଥିବାବେଳେ ବିଞ୍ଝାରପୁରର ୨୬ ନଂ. ଜୋନରେ ବିଜେଡି ଆଗରେ ରହି ହାରଜିତ ପ୍ରାୟ ୬ ହଜାର ଭୋଟ ବ୍ୟବଧାନରେ ରହିଛି। ଦାନଗଦି ବ୍ଲକର ୯ନଂ. ଜୋନ୍‌ରେ ବିଜେଡି ପାଖାପାଖି ୩ ହଜାର ଭୋଟ ଆଗରେ ରହିଛି। ଦଶରଥପୁର ୫ ନଂ. ଜୋନ୍‌ରେ ବିଜେଡି ପ୍ରାୟ ୧୧ ହଜାର, ଧର୍ମଶାଳା ବ୍ଲକର ୧୨ ଓ ୧୩ ନମ୍ବର ଜୋନ୍‌ରେ ବିଜେଡି ଯଥାକ୍ରମେ ୫ ଓ ୧୦ ହଜାର ଭୋଟ, ଯାଜପୁର ବ୍ଲକର ୩୦ ନମ୍ବର ଜୋନ୍‌ରେ ପ୍ରାୟ ୧୪ ହଜାର, କୋରେଇ ବ୍ଲକର ୨ ନମ୍ବର ଜୋନରେ ପ୍ରାୟ ୫ ହଜାର, ରସୁଲପୁର ବ୍ଲକର ୩୪ ନମ୍ବର ଜୋନ୍‌ରେ ପ୍ରାୟ ୪ ହଜାର ଏବଂ ସୁକିନ୍ଦା ବ୍ଲକର ୩୮ ନମ୍ବର ଜୋନ୍‌ରେ ପ୍ରାୟ ୩ହଜାର ଭୋଟ ବ୍ୟବଧାନରେ ବିଜେଡି ଆଗରେ ରହିଛି।

## ୮ ସରପଞ୍ଚ, ସମିତିସଭ୍ୟଙ୍କ ନାମ ଘୋଷଣା

**ଦଶରଥପୁର,୨୭।୨(ଡି.ଏନ.ଏ.)**

**୫ ନଂ. ଜିଲା ପରିଷଦ ଜୋନ୍ ବିଜେଡି ପ୍ରାର୍ଥୀ ବିଜୟୀ**

ଦଶରଥପୁର ବ୍ଲକ୍‌ରେ ରବିବାର ଦ୍ୱିତୀୟ ଦିନ ୫ ନଂ. ଜୋନ୍ ଗଣତିରେ ବିଜେଡି ତା'ର ବିଜୟ ଯାତ୍ରା ଜାରିରଖିଛି। ଉକ୍ତ ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ମନୋସ୍ୱିନୀ ଦାସଙ୍କୁ ୧୯୪୪୨ ଖଣ୍ଡ ଭୋଟ୍ ମିଳିଥିବାବେଳେ ଭାଜପା ପ୍ରାର୍ଥିନୀ ଅନ୍ନପୂର୍ଣ୍ଣା ସେଠୀଙ୍କୁ ୮୯୬୮ ଓ କଂଗ୍ରେସ ପ୍ରାର୍ଥିନୀ ବେବିନା ଦାସଙ୍କୁ ୧୦୨୮ ଖଣ୍ଡ ଭୋଟ୍ ମିଳିଛି। ଫଳରେ ମନୋସ୍ୱିନୀ ଅନ୍ନପୂର୍ଣ୍ଣାଙ୍କଠାରୁ ୧୦୪୭୪ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ସେହିପରି ଉକ୍ତ ଜୋନ୍‌ରେ ଥିବା ୮ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ବିଜୟୀ ତାଲିକା ପ୍ରକାଶ ପାଇଛି। ପ୍ରକାଶିତ ତାଲିକା ଅନୁଯାୟୀ, କଷପା ସରପଞ୍ଚଭାବେ ଦିପ୍ତୀବାଳା ନାୟକ ଓ ସମିତି ସଭ୍ୟାଭାବେ ଗାୟତ୍ରୀ ରାଉତ ବିଜୟୀ ହୋଇଛନ୍ତି। ଗ୍ରାମ-ନନ୍ଦିପୁର ସରପଞ୍ଚଭାବେ ସଂଯୁକ୍ତା ମହାନ୍ତି ଓ ସମିତିସଭ୍ୟଭାବେ ରଶ୍ମିତା ଦାସ ବିଜୟୀ ହୋଇଛନ୍ତି। ଚମ୍ପେଇପାଳ ସରପଞ୍ଚଭାବେ ହିମାଂଶୁ ନାୟକ ଓ ସମିତିସଭ୍ୟଭାବେ ବିଜୟ ନାୟକ ବିଜୟୀ ହୋଇଛନ୍ତି। ଛଡିଣା ସରପଞ୍ଚ ହିମାଂଶୁ ମହାନ୍ତି ଓ ସମିତିସଭ୍ୟଭାବେ ସତ୍ୟ ପ୍ରସନ୍ନ ମହାପାତ୍ର ବିଜୟୀ ହୋଇଛନ୍ତି। ଜୟନ୍ତରା ସରପଞ୍ଚ ସ୍ନିଗ୍ଧାମଞ୍ଜରୀ ରାଉତ, ସମିତିସଭ୍ୟଭାବେ ଜୟନ୍ତୀ ଜେନା ବିଜୟୀ ହୋଇଛନ୍ତି। ତରପଦା ସରପଞ୍ଚଭାବେ ମାନସ୍ମିତା ଦାସ, ସମିତିସଭ୍ୟଭାବେ ତାପସ ଜେନା ବିଜୟୀ ହୋଇଛନ୍ତି। ଦଶରଥପୁର ସରପଞ୍ଚଭାବେ ମିନାରାଣୀ ବେହେରା ଓ ସମିତିସଭ୍ୟଭାବେ ପ୍ରଶାନ୍ତ ମଲ୍ଲିକ୍ ବିଜୟୀ ହୋଇଛନ୍ତି। ବିରୁହାଁ ସରପଞ୍ଚଭାବେ ସୁବାସ ଚନ୍ଦ୍ର ଦେବତା ଓ ସମିତିସଭ୍ୟଭାବେ ଲକ୍ଷ୍ମୀଧର ସାମଲ ବିଜୟ ଲାଭ କରିଥିବା ବ୍ଲକ୍ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି।

## ଦାନଗଦୀ ୮ନଂ. ଜୋନ୍‌ର ଫଳାଫଳ ଘୋଷଣା

**କଳିଙ୍ଗନଗର,୨୭।୨(ଡି.ଏନ.ଏ.)**

ଦାନଗଦୀ ବ୍ଲକ୍ ଅଧୀନ ୮ ନମ୍ବର ଜିଲା ପରିଷଦ ଜୋନ୍ ସମେତ ୭ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ଶନିବାର ଭୋଟ୍ ଗଣତି ହୋଇଥିବାବେଳେ ରାତି ପ୍ରାୟ ୨ଟାରେ ଶେଷ ହୋଇଥିଲା। ତଥ୍ୟ ମୁତାବକ, ଗୋବର୍ଦ୍ଧନପୁର ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥିନୀ ସରସ୍ୱତୀ ସାହୁ ଓ ସରପଞ୍ଚ ପ୍ରାର୍ଥୀ ଶୁକଦେବ ମହାନ୍ତି ବିଜୟୀ ହୋଇଛନ୍ତି। କିଆଝର ସରପଞ୍ଚ ପ୍ରାର୍ଥିନୀ ରାଜଲକ୍ଷ୍ମୀ ମହାପାତ୍ର ଓ ସମିତି ସଭ୍ୟ ପ୍ରାର୍ଥିନୀ ଗୌରୀ ମୁର୍ମୁ ବିଜୟ ଲାଭ କରିଛନ୍ତି। ବାଙ୍ଗରକୋଟା ସମିତି ସଭ୍ୟ ପ୍ରାର୍ଥୀ ଗୋପାଳ କୃଷ୍ଣ ବାରିକ ଓ ସରପଞ୍ଚ ପ୍ରାର୍ଥୀ ଅଭିମନ୍ୟୁ ରାଉତ ବିଜୟୀ ହୋଇଛନ୍ତି। ଦେଉଳକଣ ସରପଞ୍ଚ ପ୍ରାର୍ଥୀ ବିଜୟ ଜେନା ବିଜୟୀ ହୋଇଥିବାବେଳେ ସମିତି ସଭ୍ୟ ପ୍ରାର୍ଥୀ ପ୍ରତାପ ଧୀର ବିଜୟୀ ହୋଇଛନ୍ତି। ଉଚ୍ଚବାଲି ସରପଞ୍ଚ ପ୍ରାର୍ଥିନୀ ବନଜା ଜେନା ଓ ସମିତିସଭ୍ୟ ପ୍ରାର୍ଥିନୀ ଟିଙ୍କିଲି ଖଟୁଆ ବିଜୟୀ ହୋଇଛନ୍ତି। ନଛିପୁରା ସମିତି ସଭ୍ୟ ପ୍ରାର୍ଥିନୀ ଅର୍ଚ୍ଚନା ଦାସ ଓ ସରପଞ୍ଚ ପ୍ରାର୍ଥିନୀ ସତ୍ୟଭାମା ବେହେରା ବିଜୟୀ ହୋଇଛନ୍ତି। ସେହିପରି ଓସ୍ତପାଳ ସମିତିସଭ୍ୟ ପ୍ରାର୍ଥିନୀ ଝରଣା ସାହୁ ଓ ସରପଞ୍ଚ ପ୍ରାର୍ଥିନୀ ରାଧିକା ଜେନା ନିର୍ବାଚିତ ହୋଇଛନ୍ତି।

# ସିଦ୍ଧିଦୁର୍ଗା ପାହାଡ଼ରୁ ଆସିଥିଲା ୭୩୦ ପଥର

**ଡ. ସୁରେନ୍ଦ୍ର କୁମାର ମିଶ୍ର**

- ଅରାଗଡ଼ ପାହାଡ଼ରୁ ପଥର ଆଣିବା ବେଳେ ଶିବିର ପଡ଼ିଥିଲା ତରାବୋଇ ଗାଁରେ
- ନୀଳଗିରିରୁ ପଥର ଆଣିବାକୁ ସାତୋଟି ନଦୀପଥ ଅତିକ୍ରମ କରିବାକୁ ପଡୁଥିଲା


ସିଦ୍ଧିଦୁର୍ଗା ପାହାଡ଼ରେ ଥିବା ପ୍ରଜ୍ଞାପାରମିତା ପୀଠ। (ଫଟୋ: ଦେବ କୁମାର, ନରସିଂହପୁର)




ବରେନ୍ ପାହାଡ଼ ପଥର ଚିହ୍ନଟ ଦଳର ଦଳପତି ଥିଲେ ଗଦେଇ ମହାରଣା। ଗଦେଇ ମହାରଣା ଆଜି ନାହାନ୍ତି କି ବରେନ୍ ପାହାଡ଼ ବି ନାହିଁ। ତରାବୋଇ ଗାଁଲୋକେ ଚାଉଳ କେବଳ ଯୋଗେଇଥିଲେ ତା'ନୁହେଁ, ସେ ଗାଁରେ ଦିନେ ପଥୁରିଆଙ୍କ ପାଇଁ ଶିବିର ପଡ଼ିଥିଲା।

ଅରାଗଡ଼ ପାହାଡ଼ରେ ପଥର ଚିହ୍ନଟ ପାଇଁ ପହଞ୍ଚିବା ପରେ ରହିଥିଲେ ତରାବୋଇ ଗାଁରେ। ଦଳପତି ଥିଲେ ନିଧି ମହାରଣା। କାର୍ଯ୍ୟନିର୍ବାହ କରିବା ପାଇଁ ବୀରଭଞ୍ଜ ପରିଦର୍ଶନ ଦାୟିତ୍ୱରେ ଥିଲେ। ତରାବୋଇରେ ଭଞ୍ଜ ବଂଶର ଦାୟାଦଙ୍କୁ ଚିହ୍ନଟ କରିହେଲାନି। ତେବେ ସେ ଅରାଗଡ଼ର ହୋଇପାରନ୍ତି। ଭଞ୍ଜ ଏକ ସାଙ୍ଗିଆ ନୁହେଁ, ଏକ ରାଜ ଉପାଧି। ଶିବିର ପଡ଼ିଥିଲା ୩ ମାସ ୧୦ ଦିନ। ଶିବିର ପାଇଁ ଟିକରପଡ଼ା ଭଣ୍ଡାରରୁ ଆସିଲା ୧୭ ଭରଣ ୧୨ ଗୌଣୀ ଚାଉଳ। ସୁନା ଖର୍ଚ୍ଚ ହେଲା ୪୨୮ ମାଢ଼।

ଏଠାରୁ ୧୩୦୭ ଖଣ୍ଡ ରେଗେଡ଼ା କୁଣ୍ଡାପଥର କଟାଗଲା। କଟାଳି ନେଲେ ୩୪ ମାଢ଼ ସୁନା। ପଥର ବୋହିବାକୁ ଲାଗିଲା ୩୪୦ ମାଢ଼ ସୁନା। ଅରାଗଡ଼ରୁ ଏକ ପାଣି ଦଣ୍ଡା (ପ୍ରାକୃତିକ କେନାଲ) ଥିଲା ଦୟାନଦୀ ପର୍ଯ୍ୟନ୍ତ। ଚାପ ଆସିବାକୁ ତାହା ଖୋଳାଯାଇଥିଲା। ୩ଟି ବଡ଼ ଚାପରେ ପଥର ପହଞ୍ଚିଥିଲା ଦୟାନଦୀରେ। ସେଠୁ ୧୦ଟି ବଡ଼ ନୌକାରେ ଚାପରୁ କିଛି ପଥର କଢ଼ାଯାଇ ଲଦାଗଲା। ପଥର ଚାପ ଓ ନାହା ଚାଲିଲେ କୁଆଖାଇ ନଦୀକୁ। କୁଆଖାଇରୁ ସୋଲ ନଦୀକୁ। ଦୟା ନଦୀ ବହୁ ଇତିହାସର ସାକ୍ଷୀ। କୋଣାର୍କକୁ ପଥର ଆସିବାର ସାକ୍ଷୀ, ସତରେ ସେ କଥା କହିପାରୁଥାନ୍ତା କି! ଏହା ଥିଲା କୋଣାର୍କକୁ ଷୋହଳତମ ପଥର ଆସିବାର ପ୍ରସଙ୍ଗ।

ତାପଙ୍ଗ ମଧ୍ୟ ଦୟା ନଦୀ ପରି ଓଡ଼ିଶା ଇତିହାସର ଅନ୍ୟତମ ସାକ୍ଷୀ। ଠିକ୍ ସେମିତି ସୋଲ ନଦୀ ମଧ୍ୟ। ସୋଲ ନଦୀକୁ ଚାପ ନ ଆସିଲେ ଉଦିପୁର ଦଣ୍ଡାକୁ ଆସିପାରିବ ନାହିଁ। ଉଦିପୁର ଦଣ୍ଡା ସିଧା ପଦ୍ମତୋଳା ଗଣ୍ଡ ଦିଗରେ ସଂଯୋଗ ହୋଇଥିଲା।

ତାପଙ୍ଗମାଳର ୨୩୪ଟି ନାଲି ରେଗେଡ଼ା ସାହାଣ ପଥର ଦୟା ନଦୀ-ମହା ନଦୀ-ସୋଲ ନଦୀ-ଉଦିପୁର ଦଣ୍ଡା ଦେଇ ପଦ୍ମତୋଳା ଗଣ୍ଡ ନିକଟରେ ପହଞ୍ଚିଥିଲା। ତାପଙ୍ଗମାଳର ଭୀମଟାଙ୍ଗିରୁ ଏହି ପଥର ଆସିଥିଲା। ପଥୁରିଆଙ୍କ ଦଳପତି ଥିଲେ ନାରାୟଣ ମହାରଣା। ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ କାର୍ଯ୍ୟ ତଦାରଖ କରୁଥିଲେ ବୀରମଲ୍ଲ। ତାପଙ୍ଗରେ ଶିବିର ପଡ଼ିଥିଲା ଚାରିମାସ। ଖର୍ଚ୍ଚ ହେଲା ୧୮୦ ମାଢ଼ ସୁନା। ତାପଙ୍ଗ ଭୀମଟାଙ୍ଗିରୁ ପଥର ଆସିବା ସତର ଥର, ଅଠର ଥର ପଥର ଆସିଥିଲା ନୀଳଗିରିରୁ। ନୀଳଗିରିରେ ଥିବା 'ପିଠଉଶୁଣି' ପାହାଡ଼ ତଳେ ଥିବା ବାହାରମୁଣ୍ଡା ଗାଁ ମୁଣ୍ଡରେ ଶିବିର ପକେଇ ରହିଥିଲେ ପଥୁରିଆ। ଦଳପତି ନାରାୟଣ ମହାପାତ୍ରଙ୍କ ସହିତ ଯାଇଥିଲେ ୧୭୦ ଜଣ ପଥୁରିଆ। ଏଠିକି ସବୁଠାରୁ ଅଧିକ ପଥୁରିଆ ଯାଇଥିବାର ଜଣାପଡୁଛି। ରହିଲେ ଦୀର୍ଘ ସାତ ମାସ। ଦାୟିତ୍ୱ ନେଇଥିଲେ ରତ୍ନ ଶର୍ମା। ପଥର କଟାଯିବା ପରେ ସାଙ୍ଗି ମାଧ୍ୟମରେ ପଥର ବୁହାହେଲା ବିରୁଡ଼ିନାଳିଆ ପାଖକୁ। ବିରୁଡ଼ିନାଳିଆରୁ ଭସାଣଦଣ୍ଡାକୁ ଆଉ ଏକ ଦଣ୍ଡା ବା କେନାଲ ଥିଲା। ତାକୁ କୁହାଯାଉଥିଲା ମହାନଦୀନାଳିଆ। ନୀଳଗିରିରୁ ଜଳପଥରେ ପଥର ଆଣିବା ସହଜ ନ ଥିଲା। ସେଥିପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ସରିଥିଲା। ମହାନଦୀନାଳିଆ ସଂଯୋଗ ହୋଇଥିଲା ଭଷାଣଦଣ୍ଡା ସହିତ। ଭଷାଣଦଣ୍ଡା ଦେଇ ଚାପ ପହଞ୍ଚିଥିଲା 'ବାହାରିଆଜୋର'ରେ। ବାହାରିଆ ଜୋରରୁ ଚିତ୍ରୋତ୍ପଳା ଗଣ୍ଡ, ସେଠାରୁ ସୋଲ ନଦୀ। ସୋଲ ନଦୀ ଗଣ୍ଡରୁ ଉଦିପୁର ଦଣ୍ଡା, ତା'ପରେ ପଦ୍ମତୋଳା ଗଣ୍ଡ।

ବିରୁଡ଼ିନାଳିଆ, ମହାନଦୀନାଳିଆ, ଭସାଣଦଣ୍ଡା, ବାହାରିଆ ଜୋର, ଚିତ୍ରୋତ୍ପଳା ଗଣ୍ଡ, ସୋଲ ନଦୀ ଗଣ୍ଡ, ଉଦିପୁର ଦଣ୍ଡା, ପଦ୍ମତୋଳା ଗଣ୍ଡ। ସାତୋଟି ଜଳପଥ ଦେଇ ଚାପଦଳେଇ ଚାପରେ ପହଞ୍ଚେଇବା ପରେ ସେତେବେଳେ ନେଇଥିଲେ ୧୩୦ ମାଢ଼ ସୁନା। ଅନ୍ୟ ଖର୍ଚ୍ଚ ୧୬୬ ମାଢ଼। ଚାଉଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ଯୋଗାଇଥିଲେ ରେମୁଡ଼ା ଦଣ୍ଡପାଟର ମୁଖିଆ। ପଥୁରିଆ, ଦଳପତି ଓ ଚାପଦଳେଇଙ୍କୁ ସାଧାରଣ ଲୋକେ ସାହାଯ୍ୟ ଓ ସହଯୋଗ କରି ନ ଥିଲେ ଏତେ ଶୃଙ୍ଖଳିତ ଭାବରେ କୌଣସି ଅଘଟଣ ନ ଘଟି ସୁବିଧାରେ ଆସି ପଥର ପଦ୍ମତୋଳା ଗଣ୍ଡରେ ପହଞ୍ଚିପାରି ନ ଥାନ୍ତା।

ନୀଳଗିରିରୁ ପଥର ଆସି ପହଞ୍ଚିବା ପରେ ବାଣେଶ୍ୱରନାସୀରୁ ପଥର ଆସିଥିଲା। ବାଣେଶ୍ୱରନାସୀ ଅଞ୍ଚଳ ବଡ଼ମ୍ବା-ନରସିଂହପୁର ଗଡ଼ଜାତ ଅଞ୍ଚଳରେ ଅବସ୍ଥିତ। ବାଣେଶ୍ୱରନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବାଲିଆ ହଳଦିଆ ସାହାଣ ପଥର ୭୩୦ ଖଣ୍ଡ ଆସିଥିଲା। ମହାନଦୀ କୂଳରେ ଏହି ପାହାଡ଼ ଅବସ୍ଥିତ। ଦେବୀ ଭଟ୍ଟାରିକାଙ୍କ ପୀଠଠାରୁ ଅଳ୍ପ ଦୂରରେ। ଏହି ପାହାଡ଼ରେ ରହିଛି ପ୍ରଜ୍ଞା-ପାରମିତା ପୀଠ। ବୌଦ୍ଧ ଧାରାର ମହାନ୍ ସାଧିକା ପ୍ରଜ୍ଞାପାରମିତା ଏହି ପାହାଡ଼ରେ ସାଧନା କରିଥିବାର ଐତିହ୍ୟ ରହିଛି। ପାହାଡ଼ର ପାଦଦେଶରେ ରହିଥିଲା 'ବୁଦ୍ଧେଶ୍ୱର ଗାଁ'। ଏଇ ଗାଁରେ ଶିବିର ପଡ଼ିଥିଲା ୩ମାସ ୧୮ ଦିନ। ପଥୁରିଆମାନଙ୍କ ସହିତ ଦେଖାରଖା କରିବାକୁ ରହିଥିଲେ ମଧୁ ମହାରଣା ଓ ବୀର ଓଝା। ପଥର କଟାଳିଙ୍କ ମୁଖିଆ ବୀର ବଡ଼ଜେନା ତଦାରଖ ଦାୟିତ୍ୱରେ ଥିଲେ। ଶିବିର ଖର୍ଚ୍ଚ ସହିତ ମୋଟ ୧୨୬ ମାଢ଼ ସୁନା ଖର୍ଚ୍ଚ ହୋଇଥିଲା। ବଡ଼ବଡ଼ ଆକାରର ପଥର କାଟିବାକୁ ଅଲଗା ୭ ମାଢ଼ ସୁନା ଦିଆଯାଇଥିଲା। ଏହାକୁ ମିଶାଇ ୧୯ ଥର ପଥର ଆସିଲା କୋଣାର୍କକୁ।

# ଝରକା ତାଡି ୧୨ ଲକ୍ଷ ଟଙ୍କା, ସୁନା ଗହଣା ଚୋରି

**କୁଜଙ୍ଗ, ୨୭।୨(ଡି.ଏନ୍.ଏ.)**

କୁଜଙ୍ଗ ଥାନା ଅଞ୍ଚଳରେ ଦୁର୍ବୃତ୍ତମାନେ ଶନିବାର ବିଳମ୍ବିତ ରାତିରେ ଏକ ଘର ଝରକା ତାଡ଼ି ୧୨ ଲକ୍ଷ ଟଙ୍କା ସହ ସୁନା ଗହଣା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ବିକ୍ରମ କେଶରି ରାଉତରାୟଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମରେ ହୋଇଥିବା ବେଳେ କୁଜଙ୍ଗର ବଡ଼ଙ୍ଗ ଛକ ନିକଟସ୍ଥ ପଦ୍ମଚରଣ ବେହେରାଙ୍କ ଘରେ ଭଡାରେ ରହୁଥିଲେ। ବିକ୍ରମଙ୍କ ସ୍ତ୍ରୀ ଚଳିତ ତ୍ରିସ୍ତରୀୟ ନିର୍ବାଚନରେ ସମିତିସଭ୍ୟା ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଏନେଇ ଅଧିକାଂଶ ସମୟରେ ଭଡ଼ାଘରେ ତାଲା ପକାଇ ଗାଁରେ ରହି ପ୍ରଚାର କରୁଥିଲେ। ରବିବାର ସକାଳେ ସେ ଭଡାଘରେ ପହଞ୍ଚି ତାଲା ଖୋଲିବାରୁ ପଛରୁ ବନ୍ଦଥିବାରୁ କବାଟ୍ ଖୋଲି ନ ଥିଲା । ଘଟଣା ସମ୍ପର୍କରେ ଜାଣିବାପାଇଁ ଘର ପଛପଟେ ଯାଇଦେଖିବା ବେଳକୁ ଝରକା ତଡ଼ା ଯାଇଥିବା ଜଣାପଡ଼ିଥିଲା। ଥାନାରେ ଖବର ଦିଆଯିବା ପରେ କୁଜଙ୍ଗ ପୋଲିସ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛି। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ. ୬୯/୨୨) ରୁଜୁ ହୋଇଛି। ଥାନା ଅଧିକାରୀ ସୁଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ନିକଟସ୍ଥ ସିସିଟିଭି ଯାଞ୍ଚ କରାଯାଇଛି।

# ୪ ଭାଜପା ଆସନ ବିଜେଡି ପୋଛିନେବ

**କେନ୍ଦ୍ରାପଡ଼ା ଅଫିସ, ୨୭।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ କେନ୍ଦ୍ରାପଡ଼ା ଜିଲା ଅଧୀନ ୯ ବ୍ଲକ ଅଞ୍ଚଳର ୯ଟି ଜୋନ୍‌ରେ ବିଜେଡି ପ୍ରାର୍ଥୀ ଜିତିଛନ୍ତି। ୨୦୧୭ ନିର୍ବାଚନରେ ଭାଜପା ଜିତିଥିବା ଜିଲାର ୪ ଆସନକୁ ବିଜେଡି ପୋଛିନେବା ଆଶଙ୍କା ପ୍ରକାଶ ପାଇଛି। ରବିବାର ଦ୍ୱିତୀୟ ଦିନରେ ଗଣତି ହୋଇଥିବା ଆଳି ବ୍ଲକର ୨ନଂ., ଗରଦପୁରର ୧୦ନଂ., ଡେରାବିଶର ୧୩ନଂ., ମାର୍ଶାଘାଇର ୨୫ନଂ. ରାଜକନିକାର ୨୮ନଂ. ଓ ରାଜନଗର ବ୍ଲକର ୩୧ ନଂ. ଜୋନ୍ ଆସନ ପୂର୍ବ ନିର୍ବାଚନରେ ବିଜେଡିକୁ ଯାଇଥିଲା। ଜିଲାର କେନ୍ଦ୍ରାପଡ଼ା ବ୍ଲକ ୬ନଂ., ପଟ୍ଟାମୁଣ୍ଡାଇର ୧୬ନଂ., ମହାକାଳପଡ଼ା ବ୍ଲକର ୨୦ ଓ ୨୧ନଂ. ଜୋନ୍‌ରେ ଭାଜପା ଜିତିଥିଲା। ଅପରାହ୍ନ ୫ଟା ସୁଦ୍ଧା ଗଣତିରେ ଭାଜପାକୁ ପଛରେ ପକାଇ ସବୁ ଜୋନ୍‌ରେ ବିଜେଡି ଆଗୁଆ ରହିଛି।

ଆଳି ବ୍ଲକ ୨ନଂ. ଜୋନ୍‌ରେ ଭାଜପା ପ୍ରାର୍ଥୀ ପ୍ରିୟଦର୍ଶିନୀ ନନ୍ଦ ୧୯୦୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିର ଭୀଷ୍ମ ମହାନ୍ତି ୫୪୭୯ ଓ କଂଗ୍ରେସ ପ୍ରାର୍ଥୀ ଅଜୟ କୁମାର ଜେନା ୨୧୯୫ ଭୋଟ ପାଇଛନ୍ତି। ଏହି ଜୋନ୍‌ରେ ୨୧୮ଟି ଭୋଟ ନାକଚ ହୋଇଛି। କେନ୍ଦ୍ରାପଡ଼ା ୬ନଂ. ଜୋନ୍‌ରେ ଭାଜପା ପ୍ରାର୍ଥୀ ସଙ୍ଗୀତା ରାଉତଙ୍କୁ ୧୫୪୯ ଖଣ୍ଡ, ବିଜେଡିର ନିର୍ମଳା ମହାନ୍ତିଙ୍କୁ ୪୨୪୨, ସ୍ୱାଧୀନ ପ୍ରାର୍ଥୀ ରଶ୍ମିତା ଦାସଙ୍କୁ ୧୧୮, କଂଗ୍ରେସ ପ୍ରାର୍ଥୀ ସସ୍ମିତା ପଣ୍ଡାଙ୍କୁ ୧୫୭୪ ଖଣ୍ଡ ଭୋଟ ମିଳିଛି। ଏଠାରେ ନାକଚ ଭୋଟ ସଂଖ୍ୟା ୧୯୬। ଗରଦପୁର ୧୦ନଂ. ଜୋନ୍‌ରେ ଭାଜପାର ରଞ୍ଜିତ କୁମାର ଆଚାର୍ଯ୍ୟଙ୍କୁ ୧୧୪୫, ବିଜେଡିର ସତ୍ୟାନନ୍ଦ ରାଉତଙ୍କୁ ୨୨୦୨, ସ୍ୱାଧୀନ ପ୍ରାର୍ଥୀ ମହେଶ ଚନ୍ଦ୍ର ଦାସଙ୍କୁ ୧୦୧, ପାରାୟଣ ପ୍ରସାଦ ସ୍ୱାଇଁଙ୍କୁ ୧୧୫୬, ସନ୍ତୋଷ କୁମାର ଜେନାଙ୍କୁ ୯୫, ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ୩୬ ଓ କଂଗ୍ରେସର ସୁବାସ ଚନ୍ଦ୍ର ସାମଲଙ୍କୁ ୧୭୯ ଖଣ୍ଡ ଭୋଟ ହୋଇଛି। ୧୦୨ଟି ଭୋଟକୁ ନାକଚ କରାଯାଇଛି। ଡେରାବିଶର ୧୩ନଂ. ଜୋନ୍‌ରେ ଭାଜପାର ରଞ୍ଜିତା ସେଠୀ ୭୪୨, ବିଜେଡିର ଗୀତାଞ୍ଜଳି ସେଠୀ ୧୮୯୦ ଓ କଂଗ୍ରେସର ଅନସୂୟା ଦାସଙ୍କୁ ୪୩୧ ଖଣ ଭୋଟ ମିଳିଛି। ଏଠାରେ ୪୭ ଖଣ୍ଡ ଭୋଟ ନାକଚ ହୋଇଛି। ପଟ୍ଟାମୁଣ୍ଡାଇର ୧୬ନଂ. ଜୋନ୍‌ରେ ଭାଜପାର ସଂଗ୍ରାମ କେଶରୀ ସେଠୀ ୨୧୧୯, ବିଜେଡିର ଜ୍ୟୋତିର୍ମୟୀ ବେହେରା ୩୧୭୬, ସ୍ୱାଧୀନ ପ୍ରାର୍ଥୀ ନଗେନ୍ଦ୍ର ଜେନା ୫୮, କଂଗ୍ରେସର କଳାକାର ସେଠୀ ୧୧୨୪ ଖଣ୍ଡ ଭୋଟ ପାଇଛନ୍ତି। ୧୮୦ ଭୋଟକୁ ନାକଚ କରାଯାଇଛି। ମହାକାଳପଡ଼ା ବ୍ଲକର ୨୦ନଂ. ଜୋନ୍‌ରେ ଭାଜପାର ସୌଭାଗ୍ୟ କୁମାର ପରିଡ଼ା ୨୯୧୭, ବିଜେଡିର ସୁବୋଧ କୁମାର ଲେଙ୍କା ୪୨୨୨, କଂଗ୍ରେସର କଳ୍ପତରୁ ପ୍ରଧାନ ୧୩୭, ଓଡ଼ିଶା ଜନତା ପାର୍ଟିର ଅଧୀର ନାଥଶର୍ମା ୧୩ ଖଣ୍ଡ ଭୋଟ ପାଇଛନ୍ତି। ୧୩୭ ଖଣ୍ଡ ଭୋଟ ନାକଚ ହୋଇଛି। ଏହି ବ୍ଲକର ୨୧ନଂ. ଜୋନ୍‌ରେ ବିଜେଡିର ଅନୁରାଧା ସ୍ୱାଇଁଙ୍କୁ ୫୪୯୩, ଭାଜପାର କାମିନୀ ଖଟୁଆଙ୍କୁ ୪୬୮୨ ଓ କଂଗ୍ରେସର ଚୁନିଲତା ମାଝିଙ୍କୁ ୧୭୬ ଖଣ୍ଡ ଭୋଟ ମିଳିଛି। ମାର୍ଶାଘାଇ ବ୍ଲକ ୨୫ନଂ. ଜୋନ୍‌ରେ ଭାଜପାର ରାଜଲକ୍ଷ୍ମୀ ଦାସ ୩୬୦୬, ବିଜେଡିର ଦୁର୍ଗାବତୀ ପ୍ରଧାନ ୪୩୬୪, ସ୍ୱାଧୀନ ପ୍ରାର୍ଥୀ ଅଞ୍ଜଳି ରାଉତ ୧୭୭, କଂଗ୍ରେସର ନମିତା ଦାସ ୩୧୨ ଓ ସ୍ୱାଧୀନ ପ୍ରାର୍ଥୀ ନମିତା ମଲ୍ଲିକ ୬୪ ଖଣ୍ଡ ଭୋଟ ପାଇଛନ୍ତି। ଏଠାରେ ୯୩ ଖଣ୍ଡ ଭୋଟ ନାକଚ ହୋଇଛି। ରାଜକନିକା ବ୍ଲକ ୨୮ନଂ. ଜୋନ୍‌ରେ ଭାଜପା ପ୍ରାର୍ଥୀ ମନୋଜ ସେନାପତି ୧୪୧୯, ବିଜେଡିର ପ୍ରତାପ କୁମାର ବେହେରା ୫୯୫୯, ସ୍ୱାଧୀନ ପ୍ରାର୍ଥୀ ସରୋଜକାନ୍ତ ରାଉତ ୨୨୨, ସତ୍ୟଜିତ ସ୍ୱାଇଁ ୭୭, କଂଗ୍ରେସ ପ୍ରାର୍ଥୀ କ୍ଷୀରୋଦ କୁମାର ବେହେରାଙ୍କୁ ୪୩୨୯ ଖଣ୍ଡ ଭୋଟ ମିଳିଛି। ଏଠାରେ ୨୫୩ ଖଣ୍ଡ ଭୋଟ ନାକଚ ହୋଇଛି। ଏଥିସହ ରାଜନଗର ବ୍ଲକ ୩୧ନଂ. ଜୋନ୍‌ର ଭାଜପା ପ୍ରାର୍ଥୀ ରାଜୀବ ଲୋଚନ ନାୟକ ୮୨୬ ଖଣ୍ଡ, ବିଜେଡିର ଅଶୋକ କୁମାର ପ୍ରତିହାରୀ ୪୭୧୦ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ଦିବାକର ମଲ୍ଲିକ ୭ ଖଣ୍ଡ, କଂଗ୍ରେସର ସନ୍ତୋଷ କୁମାର ମହାନ୍ତିଙ୍କୁ ୩୯୭୨ ଖଣ୍ଡ ଭୋଟ ମିଳିଛି। ଗଣତିରେ ଏହି ଜୋନ୍‌ରେ ୨୦୬ ଖଣ୍ଡ ଭୋଟ ନାକଚ ହୋଇଥିବା ଜଣାପଡ଼ିଛି।

**ଭୋଟ ଗଣତିର ଦ୍ୱିତୀୟ ଦିନ**



ରାଜକନିକା ବ୍ଲକରେ ଭୋଟ ଗଣତି ଚାଲିଛି।

# କେନ୍ଦ୍ରାପଡ଼ା ଜିଲାର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ

**କେନ୍ଦ୍ରାପଡ଼ା ଅଫିସ, ୨୭।୨**

କେନ୍ଦ୍ରାପଡ଼ା ବ୍ଲକର ୫ ନଂ. ଜିଲା ପରିଷଦ ଜୋନର ଚାରିଗାଁ ପଞ୍ଚାୟତ ସରପଞ୍ଚ ଭାରତୀ ମଲ୍ଲିକ, ସମିତିସଭ୍ୟ ମମତା ରାଉତ, ଢ଼ୋଲ ସରପଞ୍ଚ ପ୍ରଫୁଲ୍ଲ ମଲ୍ଲିକ, ସମିତିସଭ୍ୟ ଅକ୍ଷୟ ସାହୁ, ଘାଘରା ସରପଞ୍ଚ ପ୍ରିୟଦର୍ଶିନୀ ବିଶ୍ୱାଳ, ସମିତିସଭ୍ୟ କୁଞ୍ଜବିହାରୀ ସ୍ୱାଇଁ, ଇନ୍ଦୁପୁର ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୁତାର, ସମିତିସଭ୍ୟ ସନନ୍ଦା ମଲ୍ଲିକ, ନିକିରାଇ ସରପଞ୍ଚ ଅନ୍ନପୂର୍ଣ୍ଣା ଉତାନସିଂହ, ସମିତିସଭ୍ୟ ପ୍ରିୟମ୍ବଦା ଦାଶ, କୁତରଙ୍ଗ ସରପଞ୍ଚ ଚିତ୍ତରଞ୍ଜନ ଜେନା, ସମିତିସଭ୍ୟ ମିନତି ଦାସ, କୋରୋ ସରପଞ୍ଚ ଦୀପାଞ୍ଜଳି ଜେନା, ସମିତିସଭ୍ୟ ଜିତେନ୍ଦ୍ର ରାଉତ, ଧୁମାତ ସରପଞ୍ଚ ମଞ୍ଜୁଲତା ସେଠୀ, ସମିତିସଭ୍ୟ ଦେବକୀ ମଲ୍ଲିକ ନିର୍ବାଚିତ ହୋଇଛନ୍ତି।

**ମାର୍ଶାଘାଇ,(ଡି.ଏନ.ଏ.):** ମାର୍ଶାଘାଇ ବ୍ଲକ ୨୪ ନଂ. ଜିଲା ପରିଷଦ ଜୋନର ଯମପଡ଼ା ପଞ୍ଚାୟତ ସରପଞ୍ଚ ମନୋଜକାନ୍ତ ପରିଡା, ସମିତିସଭ୍ୟ ସୁପ୍ରଭା ଜେନା, ଆଇଣ୍ଟିପୁର ସରପଞ୍ଚ ସୁପ୍ରିୟା ସାମନ୍ତରାୟ, ସମିତିସଭ୍ୟ ଉର୍ମିଳା ମହାନ୍ତି, ବନ୍ଧକଟା ସରପଞ୍ଚ ଗୌତମ ମଲ୍ଲିକ, ସମିତିସଭ୍ୟ ରମେଶ ଚନ୍ଦ୍ର ଭୋଇ, ବଚ୍ଛରାଇ ସରପଞ୍ଚ ଛବିଳତା ସେଠୀ, ସମିତିସଭ୍ୟ ଝୁନିଲତା ବେହେରା, ମେହେନ୍ଦିନଗର ସରପଞ୍ଚ ବିଦ୍ୟୁତପ୍ରଭା ସେଠୀ, ସମିତିସଭ୍ୟ ରମାକାନ୍ତ ମହାନ୍ତି, କରିଲୋପାଟଣା ସରପଞ୍ଚ ନମିତାବାଳା ରଥ, ସମିତିସଭ୍ୟ ଜ୍ୟୋତିର୍ମୟୀ ଦାସ, ଆଖୁଆଦକ୍ଷିଣୀ ସରପଞ୍ଚ ତପନ କୁମାର ଜେନାର ରାଜଗଡ ପଞ୍ଚାୟତ ସରପଞ୍ଚ ମମତା ସାମଲ, ସମିତିସଭ୍ୟ ସ୍ୱର୍ଣ୍ଣପ୍ରଭା ବେହେରା, ଆଳାଇଲୋ ସରପଞ୍ଚ ଗୀତାଞ୍ଜଳି ଦାସ, ସମିତିସଭ୍ୟ ମଧୁସ୍ମିତା ଦାସ, ଦେଉଳପଡ଼ା ସରପଞ୍ଚ ନିବେଦିତା ଦାସ, ସମିତିସଭ୍ୟ ସରୋଜ କୁମାର ପରିଡ଼ା, ବିଜୟନଗର ସରପଞ୍ଚ ରୁପସ୍ୱିନୀ ସାହୁ, ସମିତିସଭ୍ୟ ଗୀତାଞ୍ଜଳି ମିଶ୍ର, ବଳିପାଳ ସରପଞ୍ଚ ରଶ୍ମିକାନ୍ତ ପଲାଇ, ସମିତିସଭ୍ୟ ବ୍ରଜସୁନ୍ଦର ରାଉତ, ବଢ଼ିହ ସରପଞ୍ଚ ଅହଲ୍ୟା ଦାସ, ସମିତିସଭ୍ୟ ଅଲେଖ ଚନ୍ଦ୍ର ପ୍ରଧାନ, କଂସାର ବଡଦାଣ୍ଡୁଆ ସରପଞ୍ଚ ମମତା ସର୍ଦ୍ଦାର, ସମିତିସଭ୍ୟ ରାମଚନ୍ଦ୍ର ରାଉତ ବିଜୟୀ ହୋଇଛନ୍ତି।

**ଡେରାବିଶ,(ସ୍ୱ.ପ୍ର.):** ଡେରାବିଶ ୧୨ ନଂ. ଜିଲା ପରିଷଦ ଜୋନର ପଲେଇ ପଞ୍ଚାୟତର ସରପଞ୍ଚ ଅକ୍ଷୟ କୁମାର ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର, ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ନରସିଂହପୁର ସରପଞ୍ଚ ସୁଧିର କୁମାର ଖଟୁଆ, ସମିତିସଭ୍ୟ ଅନନ୍ତ ପ୍ରସାଦ ଜେନା, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫଣିନ୍ଦ୍ର କୁମାର ବେହେରା, ବାଲିଆ ସରପଞ୍ଚ ପ୍ରବୀର ସିଂହ, ସମିତିସଭ୍ୟ ସସ୍ମିତା ବଳ, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ସମିତିସଭ୍ୟ କରୁଣାକର କାଣ୍ଡି ନିର୍ବାଚିତ ହୋଇଛନ୍ତି।

**ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ୧୫ ନଂ. ଜିଲା ପରିଷଦ ଜୋନର ଅଳପୁଆ ପଞ୍ଚାୟତ ସରପଞ୍ଚ ଭାବେ ପଦ୍ମିନୀ



ରାଜନଗର ଭୋଟ ଗଣତି କେନ୍ଦ୍ର ଆଗରେ ଗହଳି।

ନାୟକ, ସମିତିସଭ୍ୟ ରଶ୍ମିରଞ୍ଜନ ଦାସ, ଜଳପୋକ ସରପଞ୍ଚ ସୁକାନ୍ତି ମହାନ୍ତି ବିଜୟୀ ହୋଇଛନ୍ତି। ଜଳପୋକ ସମିତିସଭ୍ୟ ପ୍ରାର୍ଥୀଙ୍କ ଫଳାଫଳ ସ୍ଥଗିତ ରଖାଯାଇଛି।

**ରାଜକନିକା, (ଡି.ଏନ.ଏ.):** ରାଜକନିକା ବ୍ଲକ ୨୭ ନଂ. ଜିଲା ପରିଷଦ ଜୋନର ଅବଦୁଲପୁର ପଞ୍ଚାୟତ ସରପଞ୍ଚ ଦୀପ୍ତିମୟୀ ସାହୁ, ସମିତିସଭ୍ୟ ମିତନି ମଲ୍ଲିକ, ପଣସଗଣ୍ଡ ସରପଞ୍ଚ ଭବାନୀ ମଲ୍ଲିକ, ସମିତିସଭ୍ୟ ସୁଭଦ୍ର ମଲ୍ଲିକ, ପଧାନପଡ଼ା ସରପଞ୍ଚ ସନାତନ ଦାସ, ସଭିତିସଭ୍ୟ ଅଭିମନ୍ୟୁ ଦାସ, ହାଟସାହି ସରପଞ୍ଚ ସୀତା ଦାସ, ସମିତିସଭ୍ୟ ସଞ୍ଜୟ ବେଉରିଆ, ଚଉପଡ଼ା ସରପଞ୍ଚ ଧୀରେନ ଯେନା, ସମିତିସଭ୍ୟ ଜଗନ୍ନାଥ ମଲ୍ଲିକ, ନମତରା ସରପଞ୍ଚ କମଳିନୀ ଯେନା, ସମିତିସଭ୍ୟ ଅର୍ଚ୍ଚନା ମଲିକ, ଦେଉଳତରା ସରପଞ୍ଚ ସଞ୍ଜୟ ପଣ୍ଡା, ସମିତିସଭ୍ୟ ବାବୁରାମ ଜେନ, ସିହୋପଡ଼ା ସରପଞ୍ଚ ଶାନ୍ତି ଜେନା, ସମିତିସଭ୍ୟ ସମିତ୍ରା ସେଠୀ, ବାରାହା ଦୋମଣ୍ଡ, ସରପଞ୍ଚ ପ୍ରସନ୍ନ କୁମାର ମଲିକ, ସମିତିସଭ୍ୟ ରୀନିଲତା ସେଠୀ, ନହୁଣୀ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ସମିତିସଭ୍ୟ ଅଞ୍ଜଳି ନାୟକ, ପେଗରପଡ଼ା ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲିକ, ସମିତିସଭ୍ୟ ପ୍ରବେଶନ ମଲିକ ବିଜୟୀ ହୋଇଛନ୍ତି।

**ରାଜନଗର,(ଡି.ଏନ.ଏ.):** ରାଜନଗର ବ୍ଲକ ୩୦ ନଂ. ଜୋନର ରାଜନଗର ପଞ୍ଚାୟତ ସରପଞ୍ଚ ସୁଶ୍ରୀ ସଙ୍ଗତା ମହାପାତ୍ର, ସମିତିସଭ୍ୟ ସୁନୀତା ସେଠୀ, ମହିଷାସୁର ସରପଞ୍ଚ ଅଶୋକ ମହାନ୍ତି, ସମିତିସଭ୍ୟ ହରପ୍ରିୟା ନାୟକ, ସାନବଡ଼ଗୋପାଳପୁର ସରପଞ୍ଚ ଗୋଲକ ସ୍ୱାଇଁ, ସମିତିସଭ୍ୟ ନଳିନୀପ୍ରଭା ରାଉତ, ବାଲିସାହିପାଟଣା ସରପଞ୍ଚ, କୈଳାସ ପରିଡା, ସମିତିସଭ୍ୟ



ପ୍ରଶାନ୍ତ ରାଉତ, କେରଡାଗଡ଼ ସରପଞ୍ଚ ତାପସ ସାହୁ, ସମିତିସଭ୍ୟ ଅମର ସୂତାର, ବେଳପାଳ ସରପଞ୍ଚ ବୈଦେହୀ ଦାସ, ସମିତିସଭ୍ୟ ପ୍ରତିଭା ପାତ୍ର, ରାଜପୁର ସରପଞ୍ଚ ରାଣୀ ମଞ୍ଜରୀ ସେଠୀ, ସମିତିସଭ୍ୟ ଜନ୍ମଜେୟ ସେଠୀ, ବନ୍ଧପଡ଼ା ସରପଞ୍ଚ ପୁଷ୍ପଲତା ପାତ୍ର, ସମିତିସଭ୍ୟ ପଷ୍ପଲତା ସିୟ ବିଜୟୀ ହୋଇଛନ୍ତି।

**ମହାକାଳପଡ଼ା,(ଡି.ଏନ.ଏ.):** ମହାକାଳପଡ଼ା ୧୯ ନଂ. ଜିଲା ପରିଷଦ ବେହେରା, ସମିତିସଭ୍ୟ ରାମଚନ୍ଦ୍ର ସେଠୀ, ତରଡିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମିତିସଭ୍ୟ ଶ୍ୱଶାଙ୍କଶେଖର ବିଶ୍ୱାଳ, ସିଂହଗାଁ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ, ସମିତିସଭ୍ୟ ଅଭୟ କୁମାର ସ୍ୱାଇଁ, ଅଣ୍ଡରା ସରପଞ୍ଚ କଳ୍ପନା ଯେନା, ସମିତିସଭ୍ୟା ଭାବେ ସସ୍ମିତା ଯେନା, ଅମୃତମଣୋହୀ ସରପଞ୍ଚ ନିରୁପମା ଦାସ, ସମିତିସଭ୍ୟ ଅନ୍ନପୂର୍ଣ୍ଣା ମଲ୍ଲିକ, ବଲ୍ଲରିଆ ସରପଞ୍ଚ ଦେବକୀ ମଲିକ, ସମିତିସଭ୍ୟ ସୁରେନ୍ଦ୍ର ତରାଇ, ନୀଳକଣ୍ଠପୁର ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାଇ, ସମିତିସଭ୍ୟ ପଦ୍ମଜା ପ୍ରିୟଦର୍ଶିନୀ କର, ବାଲିପାଟଣା ସରପଞ୍ଚ ଅଜିତ କୁମାର ନାୟକ, ସମିତିସଭ୍ୟ କୁନି ସିଂହ, ବାଛରା ସରପଞ୍ଚ ରିତା ସାହୁ, ସମିତିସଭ୍ୟା ସୁମିତ୍ରା ସାହୁ ବିଜୟୀ ହୋଇଛନ୍ତି।

**ପାଟକୁରା, (ଡି.ଏନ୍.ଏ.):** ଗରଦପୁର ବ୍ଲକ ୯ନଂ. ଜିଲା ପରିଷଦ ଜୋନର, ବଡବେତ୍ରା ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ମହାପାତ୍ର, ସମିତିସଭ୍ୟ ଲକ୍ଷ୍ମୀ ଦାସ, ମଧୁଶାସନ ସରପଞ୍ଚ ମଞ୍ଜୁଲତା ବେହେରା, ସମିତିସଭ୍ୟ ମନୋଜ କୁମାର ମଲ୍ଲିକ, ତେଣ୍ଡାକୁଡା ସରପଞ୍ଚ ମାନସ କୁମାର ରାଉତ, ସମିତିସଭ୍ୟ ବାସୁଦେବ ବେହେରା, ପଳସୁଧା ସରପଞ୍ଚ ଶ୍ରୀରାଧା ବନଜା ଜେନା, ସମିତିସଭ୍ୟ ନର୍ଭିସ ବେଗମ, ବନ୍ତଳା ସରପଞ୍ଚ ରଞ୍ଜନ ନାୟକ, ସମିତିସଭ୍ୟ ବ୍ରଜକିଶୋର ସାହୁ, ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ସମିତିସଭ୍ୟ ପ୍ରଭାସ ସାହୁ ନିର୍ବାଚିତ ହୋଇଛନ୍ତି।

**ଆଳି,(ଡି.ଏନ.ଏ.):** ଆଳି ବ୍ଲକ ୧ନଂ. ଜିଲା ପରିଷଦ ଜୋନର ଅରଗଳ ପଞ୍ଚାୟତ ସରପଞ୍ଚ ଦୀପ୍ତି ସାହୁ, ସମିତିସଭ୍ୟା ସ୍ୱପ୍ନାରାଣୀ ପାତ୍ର, ଦେସାହି ସରପଞ୍ଚ ମୋନାଲିସା ଦାସ, ସମିତିସଭ୍ୟ ସନ୍ତୋଷ ବେହୁରିଆ, ଡିମିରିପାଳ ସରପଞ୍ଚ ଶିବ ସେଠୀ, ସମିତିସଭ୍ୟ ଲକ୍ଷ୍ମୀଧର ମଲିକ, ଏରଡଙ୍ଗ ସରପଞ୍ଚ ଅନୁପମା ସେଠୀ, ସମିତିସଭ୍ୟ ଜ୍ୟୋତ୍ସ୍ନାରାଣୀ ଦାସ, ଗୋବିନ୍ଦପୁର ସରପଞ୍ଚ ସୀମାରାଣୀ ମଲିକ, ସମିତିସଭ୍ୟ ମମି ମଲିକ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ସମିତିସଭ୍ୟ ଶରତ ଥାଟୋଇ, କେତୁଆପାଳ ସରପଞ୍ଚ ଅନୀମା ମଲିକ, ସମିତିସଭ୍ୟ ସ୍ମିତା ମଲିକ, ପାଳିମି ସରପଞ୍ଚ ରଞ୍ଜିତ ସାମଲ, ସମିତିସେଭ୍ୟ ନିରୁପମା ସାମଲ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ସମିତିସଭ୍ୟ ମମତା ଭୂୟାଁ, ପେତପଡା ସରପଞ୍ଚ ଅନୁପମା ପ୍ରିୟଦର୍ଶିନୀ, ସମିତିସଭ୍ୟ ସୁଜ୍ଞାନୀ ଖିଲାର ବିଜୟୀ ହୋଇଛନ୍ତି।

# ଜଗତ୍‌ସିଂହପୁର ଜିଲାର ବିଜୟୀ ସରପଞ୍ଚ, ସମିତି ସଭ୍ୟ

**ଜଗତ୍‌ସିଂହପୁର ଅଫିସ, ୨୭।୨**

ଏରସମା ବ୍ଲକର ପଇଦା ପଞ୍ଚାୟତର ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ସମିତିସଭ୍ୟ ଅନୀତା ନାୟକ, କୃଷ୍ଣଚନ୍ଦ୍ରପୁର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଦଳାଇ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ମହାପାତ୍ର, ନାରଦିଆ ସରପଞ୍ଚ ସିମାଇଁ ଚରଣ ଭୋଳ, ସମିତିସଭ୍ୟା ପ୍ରଫୁଲ୍ଲ ପାଲ,ପଳିକଣ୍ଡା ସରପଞ୍ଚ ରଶ୍ମିତା ସ୍ୱାଇଁ, ସମିତିସଭ୍ୟା ସନ୍ଧ୍ୟାରାଣୀ କୁଅଁର,ସୋମପୁର ସରପଞ୍ଚ ସୁକାନ୍ତି ରାଉତ, ସମିତିସଭ୍ୟା ସୁମିତ୍ରା ମାଣ୍ଡି, ପୋଖରିଆପଡ଼ା ସରପଞ୍ଚ ଗଦାଧର ମଳିକ ଓ ସମତିସଭ୍ୟା ଭାବେ ସ୍ୱର୍ଣ୍ଣଲତା ସେନାପତି ବିଜୟୀ ହୋଇଛନ୍ତି।

କୁଜଙ୍ଗ ବ୍ଲକର ବଡ଼ବାଲିକଣିର ସରପଞ୍ଚ ସୁଜ୍ୟୋସ୍ନା ସିଂହ, ସମିତିସଭ୍ୟରେ ନଟବର ରାଉତ, ବାଗୋଇ ସରପଞ୍ଚରେ ପ୍ରଭାଞ୍ଜଳି ସେଠୀ, ସମତିସଭ୍ୟ ସତ୍ୟରାଣୀ ବେହେରା, ହଂସୁରା ସରପଞ୍ଚ ରବିନାରାୟଣ ଦାସ, ସମିତି ସଭ୍ୟ ନିରଞ୍ଜନ ଦାସ, ଜିଲାନାସୀ ସରପଞ୍ଚ ନଳିନୀପ୍ରଭା ପରିଡ଼ା, ସମିତିସଭ୍ୟ ସମିତା ପରିଡ଼ା, କାଠକୋଟ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ପଟ୍ଟନାୟକ, ସମିତିସଭ୍ୟ ଆଶିଷ କୁମାର ଦାସ, ମଲାସାହି ସରପଞ୍ଚରେ ଧ୍ରୁବଚରଣ ନାୟକ, ସମିତିସଭ୍ୟ ରାଜେଶ୍ରୀ ମଲ୍ଲିକ, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ସମିତିସଭ୍ୟ ପ୍ରଶାନ୍ତି ମହାନ୍ତି, ପାଟପୁର ସରପଞ୍ଚ ଅମିତା ବେଉରା, ସମିତିସଭ୍ୟ ଜ୍ୟୋତିପ୍ରକାଶ ପାଣି, ଅଗପାଳ ସରପଞ୍ଚ ବିପିନ କୁମାର ବିଶ୍ୱାଳ ଓ ସମିତିସଭ୍ୟ ଭାବେ ନିନାରାଣୀ ସାହୁ ବିଜୟୀ ହୋଇଛନ୍ତି।

ଜଗତ୍‌ସିଂହପୁର ବ୍ଲକର କଣ୍ଟିଲୋ ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ସମିତି ସଭ୍ୟ ପ୍ରଣତି ନାୟକ, ପାଟେଣୀଗାଁ ସରପଞ୍ଚ ଜ୍ୟୋସ୍ନାମୟୀ ପରିଡ଼ା, ସମିତିସଭ୍ୟ ରାଜଶ୍ରୀ ମହାନ୍ତି, ମଧୁସୂଦନପୁର ଶାସନ ସରପଞ୍ଚ ଦୀପ୍ତିମୟୀ ନାଥ, ସମିତିସଭ୍ୟ ସ୍ନେହାଶିଷ ନନ୍ଦ, ମଣ୍ଡାସାହି ସରପଞ୍ଚ ପୁଷ୍ପଲତା ଦାସ, ସମିତି ସଭ୍ୟ କଳ୍ପନା ଭୋଇ, ରମ୍ଭାଦେଇପୁର ସରପଞ୍ଚ ଅଞ୍ଜଳୀ ସାମଲ, ସମିତିସଭ୍ୟ କୈଳାସ ମଲ୍ଲିକ, ସଭାମୂଳ ସରପଞ୍ଚ ବିପିନ ଭୋଇ, ସମିତିସଭ୍ୟ ସୌଦାମିନୀ ମାଝୀ, ଜାହାନପୁର ସରପଞ୍ଚ ବିଦ୍ୟୁଲତା ସେଠୀ, ସମିତିସଭ୍ୟ ମାନସୀ ଭୋଇ, ପଟସରା ସରପଞ୍ଚ ପ୍ରମୁଖ କୁମାର ରାଉତ, ସମିତିସଭ୍ୟ ସ୍ୱର୍ଣ୍ଣଲତା ପାତ୍ର, ତର୍ଡଙ୍ଗ ସରପଞ୍ଚ ବିଦ୍ୟୁତ ପ୍ରଭା ଜେନା ଓ ସମିତି ସଭ୍ୟ ଭାବେ ମଧୁସ୍ମିତା ମହାନ୍ତି ବିଜୟୀ ହୋଇଛନ୍ତି।

ତିର୍ତ୍ତୋଲ ବ୍ଲକ ଆମ୍ବେରୀ ପଞ୍ଚାୟତର ସରପଞ୍ଚ ରୀନାବାଳା ମଲ୍ଲିକ, ସମିତି ସଭ୍ୟ ଅରୁପ ମଲ୍ଲିକ, ବିଶନପୁର ସରପଞ୍ଚ ରାଜଶ୍ରୀ ମହାପାତ୍ର, ସମିତିସଭ୍ୟ ଜୟନ୍ତୀ ମହାପାତ୍ର, ଦାଇଁଲୋ ସରପଞ୍ଚ ଅନିତା ବାରିକ, ସମିତି ସଭ୍ୟ ହେନା ମହାନ୍ତି, ଗୋପାଳପୁର (ସ) ସରପଞ୍ଚ ଆରତୀ ମାଝି, ସମିତିସଭ୍ୟ ପଦ୍ମିନୀ ମାହାଳୀ, କନିମୂଳ ସରପଞ୍ଚରେ ଅନୁସୂୟା ମହାନ୍ତି, ସମିତିସଭ୍ୟ ବସନ୍ତ କୁମାର ମହାପାତ୍ର, କୃଷ୍ଣାନନ୍ଦପୁର ସରପଞ୍ଚ ନମିତା ଖଟୁଆ, ସମିତିସଭ୍ୟ ସୁବାସ ଚନ୍ଦ୍ର ବେହେରା, ସାମନ୍ତରାପୁର ସରପଞ୍ଚ ମଧୁସ୍ମିତା ବେହେରା, ସମିତିସଭ୍ୟ ମନୋଜ ବେହେରା ବିଜୟୀ ହୋଇଛନ୍ତି।

ନାଉଗାଁ ବ୍ଲକ ଅଲଣା ପଞ୍ଚାୟତର ସରପଞ୍ଚ ଚନ୍ଦ୍ରମଣୀ ବେହେରା, ସମିତିସଭ୍ୟ ସାଗରିକା ଭୋଇ, ବଛାଲୋ ସରପଞ୍ଚ ପ୍ରିୟଦର୍ଶିନୀ ଲେଙ୍କା, ସମିତିସଭ୍ୟ ଚନ୍ଦନ ଲେଙ୍କା, ଗଜରାଜପୁର ସରପଞ୍ଚ ଲକ୍ଷ୍ମୀପ୍ରିୟା ମଲ୍ଲିକ, ସମିତିସଭ୍ୟ ରିଲା ଦାସ, ଗଳଧାରୀ ସରପଞ୍ଚ ଦୀଲିପ ନାୟକ, ସମିତିସଭ୍ୟ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଘୋଡ଼ାଂଶ ସରପଞ୍ଚ ନିହାର ରଞ୍ଜନ ବସ୍ତିଆ, ସମିତିସଭ୍ୟ ତରୁଣକାନ୍ତ ବାରିକ, ଜାମୁଗାଁ ସରପଞ୍ଚ ଶୁଭ୍ରସ୍ମୃତି ପରିଡ଼ା, ସମିତିସଭ୍ୟ ବନ୍ଦନା ପୁଜାରୀ, ନୂଆଗାଁ ସରପଞ୍ଚ ଦୋଳଗୋବିନ୍ଦ ରାଉତ, ସମିତିସଭ୍ୟ ସୁଶ୍ରୀ ଶ୍ରାବଣୀ ରାୟ, ରୋହିଆ ସରପଞ୍ଚ ହେମାମାଳିନୀ ମହାନ୍ତି, ସମିତିସଭ୍ୟ ଭାବେ ବିଜୟଲକ୍ଷ୍ମୀ ରାଉତ ନିର୍ବାଚିତ ହୋଇଛନ୍ତି।

ବାଲିକୁଦା ବ୍ଲକ ଗରାମ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀଧର ମଲ୍ଲିକ, ସମିତିସଭ୍ୟ ରାକେଶ ମଲ୍ଲିକ, ଇଛାପୁର ସରପଞ୍ଚ ରାଜଲକ୍ଷ୍ମୀ ପୁହାଣ, ସମିତିସଭ୍ୟ ଜ୍ୟୋତିରଞ୍ଜନ ପରିଡ଼ା, ସଂଗ୍ରାମପୁର ସରପଞ୍ଚ ମୋନାଲିସା ତରାଇ, ସମିତିସଭ୍ୟ ନାଥ କାଣ୍ଡି, କାଳିଓ ସରପଞ୍ଚ ଜଜେନ୍ଦ୍ର ନାୟକ, ସମିତିସଭ୍ୟ ସମୀର ସେନାପତି, କୃଷ୍ଣଦାସପୁର ସରପଞ୍ଚ ସ୍ମୃତିରଞ୍ଜନ ମଲ୍ଲ, ସମିତିସଭ୍ୟ ଗହମି ମୁଣ୍ଡା, ଅଳାବୋଲ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ, ଅରିଲୋ ସରପଞ୍ଚ ପ୍ରଶାନ୍ତ ବାରିକ, ସମିତିସଭ୍ୟ ପ୍ରିୟମ୍ବଦା ପଲାଉର ନିର୍ବାଚିତ ହୋଇଛନ୍ତି।

ବିରିଡ଼ି ବ୍ଲକ ଅଡ଼ଙ୍ଗଗଡ଼ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ମାଝି, ସମିତିସଭ୍ୟ କଲ୍ୟାଣୀ ଭୋଇ, ଅରଣା ସରପଞ୍ଚ ପୁଷ୍ପଲତା ସିଂହ, ସମିତିସଭ୍ୟ ସଂଗ୍ରାମ କେଶରୀ ନାୟକ, ଅଲାଣ୍ଡୋ ସରପଞ୍ଚ ସନ୍ତୋଷ ସେଠୀ, ସମିତିସଭ୍ୟ ରାଜେଶ ଭୋଇ, ଉତ୍ତରଶାସନ ସରପଞ୍ଚ ସୁରେନ୍ଦ୍ର ଶତପଥୀ, ସମିତି ସଭ୍ୟ ସବ୍ୟସାଚୀ ଶତପଥୀ, ଶଙ୍ଖପୁର ସରପଞ୍ଚ ଶାନ୍ତିଲତା ସାହୁ, ସମିତି ସଭ୍ୟ ରଶ୍ମିରଞ୍ଜନ ବେହେରା, ବଡିମିରା ସରପଞ୍ଚ ସ୍ନେହପ୍ରଭା ପରିଜା, ସମିତିସଭ୍ୟ କଳ୍ପନା ପଶାୟତ, ବଡ଼ଖଣ୍ଡାଇତା ସରପଞ୍ଚ ବେବିନା ମଲ୍ଲିକ, ସମିତିସଭ୍ୟ ରଞ୍ଜନ କୁମାର ବେହେରା, ହାଜିପୁର ସରପଞ୍ଚ ଆରତି ଭୂୟାଁ, ସମିତିସଭ୍ୟ ସନ୍ତୋଷ ନାୟକ, ଶିବପୁର ସରପଞ୍ଚ ରମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ଅଭୟ ଜେନା, ଅଡ଼ଙ୍ଗମଞ୍ଜୁରାଇ ସରପଞ୍ଚ ପରୱେଜ ଅହମ୍ମଦ, ସମିତିସଭ୍ୟ ସମ୍ପୂର୍ଣ୍ଣାନନ୍ଦ ମିଶ୍ର, ଦରଡ଼ାଗ୍ରାମ ସରପଞ୍ଚ ସତ୍ୟଭାମା ବେହେରା, ସମିତିସଭ୍ୟ ଭାବେ ପ୍ରଗତି ଦଳାଇ ବିଜୟୀ ହୋଇଛନ୍ତି।

ରଘୁନାଥପୁର ବ୍ଲକ ରଘୁନାଥପୁର ପଞ୍ଚାୟତର ସରପଞ୍ଚ ସୁଚିତ୍ରା ପଣ୍ଡା, ସମିତିସଭ୍ୟ ମିତାଲି ବରାଳ, ବରାଗୋଳ ସରପଞ୍ଚ ଜୟନ୍ତୀ ଦାସ, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ଜଗନ୍ନାଥପୁର ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ସମିତିସଭ୍ୟ ପ୍ରମିଳା ବେହେରା, ତରିକୁନ୍ଦ ସରପଞ୍ଚ ବନମାଳୀ ସାହୁ, ସମିତିସଭ୍ୟ ସ୍ୱଦେଶ ଦାସ, ଧରାଧରପୁର ସରପଞ୍ଚ ନଳିନୀପ୍ରଭା ମୁଦୁଲି, ସମିତିସଭ୍ୟ ଦେବାଶିଷ ତ୍ରିପାଠୀ, ଗୁଆଳିପୁର ସରପଞ୍ଚ ମନୋଜିନୀ ସାହୁ, ସମିତିସଭ୍ୟ କମଳାକାନ୍ତ ପରିଡ଼ା, ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ସମିତିସଭ୍ୟ ପୂଜାଲତା ଦାସ, ପୁରଣ ଓଡ଼ପଡ଼ା ସରପଞ୍ଚ ଶିବରାମ ସାହୁ, ସମିତିସଭ୍ୟ ପ୍ରିୟତମା ରାଉତ, ଜଇଶୋଳ ସରପଞ୍ଚ ମମତା ଦାସ, ସମିତିସଭ୍ୟ ଭାବେ କିରଣ ବେହେରା ବିଜୟୀ ହୋଇଛନ୍ତି।

# ବିଜେଡି ଅକ୍ତିଆରରେ ୮ ଜିଲା ପରିଷଦ ଜୋନ୍

**ଜଗତ୍‌ସିଂହପୁରରେ ସର୍ବାଧିକ, ଏରସମାରେ ସର୍ବନିମ୍ନ ଭୋଟ ବ୍ୟବଧାନ**

**ଜଗତ୍‌ସିଂହପୁର ଅଫିସ, ୨୭।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ଦିନ ଗଣତି ପରେ ଜିଲାର ୨୬ଟି ଜିଲା ପରିଷଦ ଜୋନ୍ ମଧ୍ୟରୁ ୮ଟି ବ୍ଲକର ସମସ୍ତ ଗୋଟିଏ ଗୋଟିଏ ଜୋନ୍‌ର ଫଳାଫଳ ଘୋଷଣା ହୋଇଛି। ଏ ସମସ୍ତ ଜୋନ୍‌କୁ ବିଜେଡି ଅକ୍ତିଆର କରିନେଇଛି। ଜଗତ୍‌ସିଂହପୁର ୧ନଂ. ଜୋନ୍‌ର ବିଜେଡି ପ୍ରାର୍ଥୀ ଚିତ୍ତରଞ୍ଜନ ରାଉଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବିଭୂତି ଭୂଷଣ ସାହୁଙ୍କଠାରୁ ସର୍ବାଧିକ ୧୦,୦୪୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ଏରସମା ୧ନଂ. ଜୋନ୍‌ର ବିଜେଡି ପ୍ରାର୍ଥୀ ପ୍ରଣବ ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଧ୍ୱଜରାଜ ଖଣ୍ଡୁଆଳଙ୍କୁ ସବୁଠୁ କମ୍ ଅର୍ଥାତ୍ ୧,୯୯୯ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। କିନ୍ତୁ ବିରିଡ଼ି, ରଘୁନାଥପୁର ଓ କୁଜଙ୍ଗ ବ୍ଲକର ୧ନଂ. ଜୋନ୍‌ରେ ଗତଥର ପରି ଏଥର ବିଜେଡି ସହ ଭାଜପା ପ୍ରତିଦ୍ୱନ୍ଦ୍ୱିତା କରିଛି। ଅବଶିଷ୍ଟ ୫ଟିରେ କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ପ୍ରମୁଖ ଲଢ଼େଇ ହୋଇଛି। ଗତ ନିର୍ବାଚନରେ ୨୨ଟିରେ ବିଜେଡି, ଭାଜପା ୩ ଓ କଂଗ୍ରେସ ସପକ୍ଷରେ ଗୋଟିଏ ଆସନ ଯାଇଥିଲା।

## କୁଜଙ୍ଗରେ ବିଜେଡି ଭୋଟ କମିଛି

କୁଜଙ୍ଗ ୧ ନଂ. ଜୋନ୍‌ରେ ବିଜେଡିର ପ୍ରମୋଦ ଚରଣ ସ୍ୱାଇଁଙ୍କୁ ୧୩,୮୧୧ ଓ ଭାଜପାର ଦୀପ୍ତିମୟୀ ବସ୍ତିଆଙ୍କୁ ୧୦,୮୧୧ ଭୋଟ ମିଳିଛି। ଭାଜପାଠାରୁ ବିଜେଡି ପ୍ରାର୍ଥୀଙ୍କୁ ଅଧିକ ୩,୦୦୦ ଖଣ୍ଡ ଭୋଟ ମିଳିଛି। ଗତ ନିର୍ବାଚନରେ ମଧ୍ୟ ଏହି ଜୋନ୍‌ରେ ବିଜେଡି ସହ ଭାଜପା ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଭାଜପା ପ୍ରାର୍ଥୀ ରାଜଶ୍ରୀ ମିଶ୍ରଙ୍କୁ ୯,୩୩୮ ଓ ବିଜେଡିର ନମିତା ପଣ୍ଡାଙ୍କୁ ୧୪,୦୧୧ ଭୋଟ ମିଳିଥିଲା। ବିଜେଡି-ଭାଜପା ଭୋଟ ବ୍ୟବଧାନ ୪,୬୭୩ ଥିଲା। କିନ୍ତୁ ଏଥର ଭାଜପା ସପକ୍ଷରେ ଅଧିକ ୧,୪୭୩ ଭୋଟ୍ ଯାଇଥିବାବେଳେ ବିଜେଡିର ୨୦୦ ଭୋଟ କମିଛି। ଅନୁରୂପ ଭାବେ କଂଗ୍ରେସ ସପକ୍ଷରେ ମଧ୍ୟ ଗତ ନିର୍ବାଚନ ତୁଳନାରେ ୧,୩୬୦ କମ୍ ଭୋଟ ଆସିଛି। ଏହା ଚର୍ଚ୍ଚାର ବିଷୟ ପାଲଟିଛି।

## ରଘୁନାଥପୁରରେ ଭାଜପା ସ୍ଥିତି ଦୁର୍ବଳ

ରଘୁନାଥପୁର ୧ନଂ. ଜୋନରେ ବିଜେଡିର ରିନାରାଣୀ ମଲ୍ଲିକଙ୍କୁ ୧୬,୯୯୬ ଓ ଭାଜପାର ସୁଚିତ୍ରା ଭୋଇଙ୍କ ସପକ୍ଷରେ ୭,୦୪୧ ଭୋଟ ଯାଇଛି। ଏଥିରେ ଭାଜପାଠାରୁ ବିଜେଡି ପ୍ରାର୍ଥୀ ଅଧିକ ୯,୯୫୫ ଭୋଟ ପାଇ ଜିତିଛନ୍ତି। ଗତଥର ଏହି ଜୋନରେ ବିଜେଡିକୁ ପଛରେ ପକାଇ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ବିଜେଡିର ପରମାନନ୍ଦ ସ୍ୱାଇଁଙ୍କୁ ୧୦,୩୮୧ ଓ ଭାଜପାର ଅଶୋକ କୁମାର ମହାରଣାଙ୍କୁ ୧୨,୦୩୭ ଭୋଟ ମିଳିଥିଲା। ଏହି ନିର୍ବାଚନରେ ବିଜେଡିଠାରୁ ଭାଜପା ୧,୬୫୬ ଅଧିକ ଭୋଟ ପାଇଥିଲେ। ଏଥର କିନ୍ତୁ ଭାଜପା ସ୍ଥିତି ଦୁର୍ବଳ ହୋଇଛି। ଏହି ଦଳର ପ୍ରାର୍ଥୀଙ୍କୁ ଗତଥର ଅପେକ୍ଷା ୪,୯୯୬ କମ୍ ଭୋଟ ମିଳିଛି। ବିଜେଡି ସପକ୍ଷରେ କିନ୍ତୁ ୬,୬୧୫ ଅଧିକ ଭୋଟଯାଇଛି।

## ବିରିଡ଼ିରେ କଂଗ୍ରେସ କମିଛି, ଭାଜପା ଓ ବିଜେଡି ଭୋଟ ବୃଦ୍ଧି

ବିରିଡ଼ି ୧ନଂ. ଜୋନରେ ବିଜେଡିର ଦୀପ୍ତିମୟୀ ରାୟଙ୍କୁ ୧୬,୬୧୮ ଓ ଭାଜପାର ଗୀତାଞ୍ଜଳି ସାହୁଙ୍କ ସପକ୍ଷରେ ୭,୨୨୬ ଖଣ୍ଡ ଭୋଟ ଯାଇଛି। ଭାଜପାଠାରୁ ବିଜେଡି ପ୍ରାର୍ଥୀ ୯,୩୯୨ ଖଣ୍ଡ ଅଧିକ ଭୋଟ ପାଇଛନ୍ତି। ଗତଥର ଭାଜପା ପ୍ରାର୍ଥୀ ପ୍ରହଲ୍ଲାଦ ମଲ୍ଲିକଙ୍କୁ ୬,୧୨୧ ଖଣ୍ଡ ଭୋଟ ମିଳିଥିଲା। କିନ୍ତୁ ଏଥର ଭାଜପା ସପକ୍ଷରେ ଅଧିକ ୧,୧୦୫ ଖଣ୍ଡ ଭୋଟ ଯାଇଛି। ବିଜେଡି ସପକ୍ଷରେ ମଧ୍ୟ ଗତଥର ଅପେକ୍ଷା ଅଧିକ ୫,୮୬୦ ଖଣ୍ଡ ଯାଇଛି। କଂଗ୍ରେସ ଭୋଟ୍ ଗତଥର ୪,୧୨୦ ଥିବାବେଳେ ଏଥର ୨୬୨୯ ଖଣ୍ଡ କମିଛି।

# ବିଜେଡି ୨ ଟିରେ ବିଜୟୀ, ୬ ଜୋନ୍‌ରେ ଆଗୁଆ



ଭୋଟ ଗଣତି ଚାଲିଥିବା ବେଳେ ବାହାରେ ଲୋକଙ୍କ ଭିଡ।

**ଜଗତ୍‌ସିଂହପୁର ଅଫିସ, ୨୭।୨**

**ଦ୍ୱିତୀୟ ଦିନ ଭୋଟ ଗଣତି**

ଜଗତ୍‌ସିଂହପୁର ଜିଲାର ପଞ୍ଚାୟତ ନିର୍ବାଚନ ଭୋଟ ଗଣତିର ରବିବାର ଦ୍ୱିତୀୟ ଦିନରେ ୨୬ଟି ଜିଲା ପରିଷଦ ଜୋନ ମଧ୍ୟରୁ ୮ଟି ବ୍ଲକର ସମସ୍ତ ୨ନଂ. ଜୋନ୍‌ର ଫଳ ଘୋଷଣା ନେଇ ଗଣତି ଚାଲିଛି। ଏସବୁ ଜୋନ ଅନ୍ତର୍ଗତ ୬୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୧୦୭୨ ୱାର୍ଡ ସଭ୍ୟ ପଦବୀ ପାଇଁ ଗଣତି ଚାଲିଛି। ରାତି ୧୦ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ନାଉଗାଁ ଓ ଏରସମା ୨ନଂ. ଜିଲା ପରିଷଦ ଜୋନ ବିଜେଡି ଦଖଲକୁ ଚାଲିଯାଇଛି। ଅବଶିଷ୍ଟ ୬ଟିରେ ବିଜେଡି ପ୍ରାର୍ଥୀମାନେ ଆଗୁଆ ଅଛନ୍ତି। କିନ୍ତୁ ଏରସମା ଓ କୁଜଙ୍ଗ ୨ନଂ. ଜୋନ୍‌ରେ ଭାଜପା ଭୋଟ ଆଶାତୀତଭାବେ ବୃଦ୍ଧି ହୋଇଛି। ୨୦୧୭ ନିର୍ବାଚନ ପରି ଏଥର ମଧ୍ୟ ବିରିଡ଼ି ଓ ରଘୁନାଥପୁର ବ୍ଲକର ୨ନଂ. ଜୋନ୍‌ରେ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ହେଉଛି। ମାତ୍ର ଭାଜପାର ଭୋଟ ହାର କେତେକାଂଶରେ ପ୍ରଭାବିତ ହୋଇଛି। ମୋଟ ଉପରେ ୪ଟି ଲେଖାଏଁ ଆସନରେ ବିଜେଡି ସହ ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ନାଉଗାଁ ୨ନଂ. ଜୋନ୍‌ରେ ବିଜେଡିର ମମତା ପରିଡ଼ାଙ୍କୁ ୧୪,୬୫୨ ଓ କଂଗ୍ରେସ ପ୍ରାର୍ଥୀ ଗୀତାଞ୍ଜଳି ବେହେରାଙ୍କୁ ୧୦,୧୧୩ ଭୋଟ ମିଳିଛି। କଂଗ୍ରେସଠାରୁ ବିଜେଡି ପ୍ରାର୍ଥୀ ୪,୫୩୯ ଭୋଟରେ ବିଜୟୀ ହୋଇଛନ୍ତି। ସେହିପରି ଏରସମା ୨ନଂ. ଜୋନ୍‌ରେ ବିଜେଡିର ରାନି ଗୁଡୁଙ୍କୁ ୧୫,୮୯୪ ଓ ଭାଜପାର ସରସ୍ୱତୀ ସୋରେନଙ୍କୁ ୬,୩୮୧ ଭୋଟ ମିଳିଛି। ଭାଜପାକୁ ୯,୫୧୩ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ପଛରେ ପକାଇ ବିଜୟୀ ହୋଇଛନ୍ତି। ଅନ୍ୟ ବ୍ଲକ ଯଥା ଜଗତ୍‌ସିଂହପୁର ୨ନଂ. ଜୋନ୍‌ରେ ବିଜେଡିର କନକ ସ୍ୱାଇଁଙ୍କୁ ୮,୩୭୭ ଓ କଂଗ୍ରେସର ପ୍ରତିମା ମିଶ୍ରଙ୍କ ସପକ୍ଷରେ ୩,୭୦୮ ଭୋଟ ଯାଇଛି। ଏଠାରେ କଂଗ୍ରେସଠାରୁ ବିଜେଡି ୪,୬୬୯ ଭୋଟରେ ଆଗୁଆ ରହିଛି। ବାଲିକୁଦା ୨ନଂ. ଜୋନ୍‌ରେ ବିଜେଡିର ଜଟାଧାରୀ ଦାସଙ୍କୁ ୯,୮୪୮ ଓ କଂଗ୍ରେସର ଶରତ କୁମାର ସାହୁଙ୍କ ସପକ୍ଷରେ ୬,୦୭୮ ଭୋଟ ଯାଇଛି। ଏଠାରେ କଂଗ୍ରେସଠାରୁ ବିଜେଡି ୩,୭୭୦ ଭୋଟରେ ଆଗୁଆ ଅଛି। ତିର୍ତ୍ତୋଲ ୨ନଂ. ଜୋନ୍‌ରେ ବିଜେଡିର ସୁଜାତା ମହାନ୍ତିଙ୍କୁ ୧୦,୯୧୦ ଓ କଂଗ୍ରେସର ସଙ୍ଗିତା ଦାସଙ୍କ ସପକ୍ଷରେ ୪,୧୧୭ ଭୋଟ ଯାଇଛି। ଏଠାରେ କଂଗ୍ରେସଠାରୁ ବିଜେଡି ୬,୭୯୩ ଭୋଟରେ ଆଗୁଆ ରହିଛି। କିନ୍ତୁ ରଘୁନାଥପୁର ୨ନଂ. ଜୋନ୍‌ରେ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ଚାଲିଛି। ବିଜେଡିର ଇତିଶ୍ରୀ ମଲ୍ଲିକଙ୍କୁ ୯,୮୪୦ ଓ ଭାଜପାର ଲିପିକା ମଲ୍ଲିକଙ୍କ ସପକ୍ଷରେ ୬,୨୧୪ ଭୋଟ ଯାଇଛି। ଏଥିରେ ଭାଜପାଠାରୁ ବିଜେଡି ୩,୬୨୬ ଭୋଟ ବ୍ୟବଧାନରେ ଆଗୁଆ ରହିଛି। ଅନୁରୂପ ଭାବେ କୁଜଙ୍ଗ ୨ନଂ. ଜୋନ୍‌ରେ ବିଜେଡିର ରବିନାରାୟଣ ସାହୁଙ୍କୁ ୧୦,୧୯୫ ଓ ଭାଜପାର ନିରଞ୍ଜନ ପାତ୍ରଙ୍କୁ ୪,୭୫୧ ଭୋଟ ମିଳିଛି। ଭାଜପାଠାରୁ ବିଜେଡି ୫,୪୪୪ ଭୋଟରେ ଆଗୁଆ ଅଛି। ବିରିଡ଼ି ୨ନଂ. ଜୋନରେ ବିଜେଡିର ଚନ୍ଦ୍ର ଶେଖର ଦାସଙ୍କୁ ୧୬,୪୧୬ ଓ ଭାଜପାର ଶୁଭ୍ରଜ୍ୟୋତି ସାହୁଙ୍କ ସପକ୍ଷରେ ୭,୦୨୪ ଭୋଟ ଯାଇଛି। ଭାଜପାଠାରୁ ବିଜେଡି ୯,୩୯୨ ଭୋଟରେ ଆଗୁଆ ଥିବା ଜଣାପଡ଼ିଛି।

**ବିଜୟୀ ସରପଞ୍ଚ,ସମିତି ସଭ୍ୟ** | ନୟାଗଡ଼ ଅଫିସ : ବାଲୁଗାଁପଞ୍ଚାୟତରେ ସରପଞ୍ଚ ଭାବେ ମନୋଜ ନାୟକ ଓ ସମିତି ସଭ୍ୟଭାବେ କବିତା ନାୟକ, ଚମ୍ପତିପୁର ପଞ୍ଚାୟତରେ ଅମର ପ୍ରସାଦ ସାଥୁଆ ସରପଞ୍ଚ ଓ ସମିତି ସଭ୍ୟଭାବେ ପ୍ରଦୀପ୍ତ କୁମାର ନାୟକ ନିର୍ବାଚିତ ହୋଇଛନ୍ତି । ଗଦାଧରପ୍ରସାଦ ପଞ୍ଚାୟତରେ ସରପଞ୍ଚ ଭାବେ ଲକ୍ଷ୍ମୀଧର ପାତ୍ର ଓ ସମିତି ସଭ୍ୟ ଭାବେ ମାନସ ରଞ୍ଜନ ମହାପାତ୍ର, ନାଟୁଗାଁ ସରପଞ୍ଚ ଭାବେ ସାଗର ବାଳା ବରାଡ ଓ ସମିତି ସଭ୍ୟ ଭାବେ ତୋଫାନୀ ଦାଶ ନିର୍ବାଚିତ ହୋଇଛନ୍ତି । ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାବେ ନିରଞ୍ଜନ ବିଧାର ଓ ସମିତି ସଭ୍ୟଭାବେ ଯୋଗେଶ ପରିଡା ଏବଂ ଶରଧାପୁର ପଞ୍ଚାୟତରେ ସରପଞ୍ଚ ଭାବେ ଲକ୍ଷ୍ମୀପ୍ରିୟା ମୁଦୁଲି ଓ ସମିତିସଭ୍ୟଭାବେ ସୁଜିତ କୁମାର ପ୍ରଧାନ ବିଜୟୀ ହୋଇଛନ୍ତି ।

## ସଂକ୍ଷେପରେ

### ଫତେଗଡ଼ ଟିମ୍ ବିଜୟୀ

**ଖଣ୍ଡପଡ଼ା,୨୭।୨(ସ୍ୱ.ପ୍ର.):** ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍ଇ ସ୍କୁଲ ଖେଳ ପଡିଆଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଦ୍ୱିତୀୟ ଦିବସରେ ସଦାଶିବ କ୍ରିକେଟ ଟିମ୍ ଫତେଗଡ଼ ୪୫ରନରେ ପିକେ ଷ୍ଟାର କ୍ଲବ କାନପୁରକୁ ହରାଇ ବିଜୟୀ ହୋଇଛି । ଆଜିର ଖେଳରେ ଅବସରପ୍ରାପ୍ତ ଶିକ୍ଷକ ତଥା ସାମାଜିକକର୍ମୀ ମହେଶ୍ୱର ରଣା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । କାନପୁର ଦଳ ଟସ୍ ଜିଣି ଫିଲଡିଂ କରିବାର ନିଷ୍ପତ୍ତି ନେଇଥିଲେ । ଫତେଗଡ଼ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲେ । ଜବାବରେ କାନପୁର କ୍ରିକେଟ କ୍ଲବ ୧୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୮୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଆଜିର ଖେଳକୁ ସଚିନ କୁମାର ବାରିକ ଓ ସୌମ୍ୟ ରଂଜନ ଦାସ ପରିଚାଳନା କରିଥିଲେ ।

### ବିଜୟୀ ସରପଞ୍ଚ, ସମିତି ସଭ୍ୟଙ୍କ ତାଲିକା ପ୍ରକାଶ

**ଖଣ୍ଡପଡ଼ା,୨୭।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ୫ନଂ. ଜିଲା ପରିଷଦ ଜୋନ୍ ଓ ଉକ୍ତ ଜୋନ ଅଧୀନ ୯ ପଞ୍ଚାୟତରୁ ନବ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟମାନଙ୍କ ତାଲିକା ପ୍ରକାଶ ପାଇଛି। ୫ନଂ. ଜିଲା ପରିଷଦ ଜୋନ୍ ଅଧୀନ ରୟତ ଢୋଲମରା ପଞ୍ଚାୟତର ସରପଞ୍ଚ ଭାବେ ମୁକୁତା ପରିଡା, ସମିତି ସଭ୍ୟ ଭାବେ ମାନସ କୁମାର ଦାସ, ସିଂଘାପଡା ପଞ୍ଚାୟତର ସରପଞ୍ଚ ଭାବେ ସୁନିଲ ପ୍ରଧାନ, ସମିତି ସଭ୍ୟ ଭାବେ ସୁଷମା ଜାନି, ବଳଭଦ୍ରପ୍ରସାଦର ସରପଞ୍ଚ ବାସୁଦେବ ନାୟକ ଓ ସମିତି ସଭ୍ୟ ସସ୍ମିତା ଦାସ, ଗଡିଆସାହି ପଞ୍ଚାୟତର ସରପଞ୍ଚ ପ୍ରତିମା ଆଚାର୍ଯ୍ୟ ଓ ସମିତିସଭ୍ୟ ଆର୍ତ୍ତବନ୍ଧୁ ନାୟକ, ମର୍ଦ୍ଦରାଜପୁର ସରପଞ୍ଚ ଭାବେ ସୁଚରିତା ଶ୍ରୀଚନ୍ଦନ ଓ ସମିତି ସଭ୍ୟ ଭାବେ କୁବେର ଗୋଚ୍ଛି ନିର୍ବାଚିତ ହୋଇଛନ୍ତି । ସେହିପରି କୋସକା ପଞ୍ଚାୟତରୁ ସରପଞ୍ଚ ଭାବେ ମାମୁନି ଜେନା ଓ ସମିତି ସଭ୍ୟା ରଞ୍ଜିତା ବେହେରା, କୁମ୍ଭାରପଡା ପଞ୍ଚାୟତର ସରପଞ୍ଚ ଭାବେ ଚିନ୍ମୟ ପଣ୍ଡା, ସମିତି ସଭ୍ୟ ଭାବେ ନରେନ୍ଦ୍ର ନାଥ ଦା. କିଆଝର ପଞ୍ଚାୟତର ସରପଞ୍ଚ ଭାବେ ଦୀପାଞ୍ଜଳୀ ମହାନ୍ତି, ସମିତି ସଭ୍ୟା ଭାବେ ପ୍ରଜ୍ଞା ପରମିତା ପରିଡ଼ା ,ଖଳିସାହି ପଞ୍ଚାୟତର ସରପଞ୍ଚ ଭାବେ ଫକୀର ମୋହନ ଦାସ ଓ ସମିତି ସଭ୍ୟା ଭାବେ ଅତଶ୍ରୀ ବେହେରା ନିର୍ବାଚିତ ହୋଇଛନ୍ତି ବୋଲି ଖଣ୍ଡପଡା ବିଡିଓ ତଥା ନିର୍ବାଚନ ଅଧିକାରିଣୀ ଅରୁଣିମା ସାହୁ ସୂଚନା ଦେଇଛନ୍ତି ।

# ସବୁ ଆସନରେ ବିଜେଡିର ବାଜିମାତ୍

**ନୟାଗଡ଼ ଅଫିସ,୨୭।୨**

ନୟାଗଡ଼ ଜିଲାର ୨୪ଜିଲା ପରିଷଦ ଜୋନ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮ ଜିଲା ପରିଷଦ ଜୋନ୍ ପାଇଁ ଭୋଟ ଗଣତି ଶନିବାର ହୋଇଥିଲା । ସମସ୍ତ ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ଏହି ଭୋଟ ଗଣତିରେ ଭାଜପା ଓ କଂଗ୍ରେସ ଧରାଶାୟୀ ହୋଇଛନ୍ତି । ଭାପୁର ବ୍ଲକକୁ ଛାଡ଼ି ଭାଜପା ସବୁ ବ୍ଲକରେ ବିଜେଡି ସହ ଲଢ଼େଇ କରିଛି । ଭାପୁରବ୍ଲକରେ ସ୍ୱାଧୀନ ପ୍ରାର୍ଥୀ ବିଜେଡିକୁ ଟକ୍କର ଦେଇଛନ୍ତି ।

ଓଡ଼ଗାଁ ବ୍ଲକର ୧ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଝିଲି ପ୍ରଧାନ ୫୮୮୭ ଭୋଟରେ ଭାଜପା ପ୍ରାର୍ଥୀ ଧରିତ୍ରୀ ସେଠୀଙ୍କୁ ପରାସ୍ତ କରିଛନ୍ତି । ଝିଲି ୧୫ ହଜାର ୯୨୫, ଧରିତ୍ରୀ ୧୦୦୩୮, କଂଗ୍ରେସର ଜ୍ୟୋତ୍ସ୍ନାରାଣୀ ନାୟକ ୧୩୬୬ ଖଣ୍ଡଭୋଟ ପାଇଛନ୍ତି । ଖଣ୍ଡପଡ଼ା ବ୍ଲକ୍ ୫ନଂ.ଜୋନ୍‌ରେ ବିଜେଡିର ରାମେଶ୍ୱର ଶତପଥୀ ୨ ହଜାର ୬୨୨ ଭୋଟରେ ଭାଜପାର ନିର୍ମଳା ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି । ରାମେଶ୍ୱର ୧୨ ହଜାର ୧୯୯, ନିର୍ମଳା ୯ହଜାର ୫୭୭, ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ଚନ୍ଦ୍ର ବେହେରା ୩୪୪୦,କଂଗ୍ରେସ ପ୍ରାର୍ଥୀ ପ୍ରକାଶ ଖୁଣ୍ଟିଆ ୯୫୫ଭୋଟ ପାଇଛନ୍ତି । ଗଣିଆ ବ୍ଲକ୍ ୮ନଂ.ଜୋନ୍‌ରେ ବିଜେଡିର ନରେଶ ବେହେରା ୧୭୮୨ ଭୋଟରେ ଭାଜପା ପ୍ରାର୍ଥୀ ସୁଶାନ୍ତ କୁମାର ନାୟକଙ୍କୁ ପରାସ୍ତ କରିଛନ୍ତି । ନରେଶ ୧୨ହଜାର୧୫୯, ସୁଶାନ୍ତ ୧୦ହଜାର ୩୭୭, କଂଗ୍ରେସର ଚିନ୍ମୟୀ ମହାଲିକ୧୭୮୬, ବହୁଜନ ସମାଜ ପାର୍ଟିର କୃପାସିନ୍ଧୁ ନାୟକ ୧୭୮୬ ଭୋଟ ପାଇଛନ୍ତି । ଦଶପଲ୍ଲା ବ୍ଲକର ୯ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ହରିଶ୍ଚନ୍ଦ୍ର ଜାନୀ ୭ହଜାର୪୧୧ଭୋଟରେ ଭାଜପା ପ୍ରାର୍ଥୀ ଗୋରେଖ କଅଁରଙ୍କୁ ପରାସ୍ତ କରିଛନ୍ତି । ହରିଶ୍ଚନ୍ଦ୍ର ୧୦ହଜାର୧୮୪, ଗୋରେଖ ୨୭୭୩ ଓ କଂଗ୍ରେସର ସୁବାସ ଚନ୍ଦ୍ର ମଳିକ ୧୮୨୫ ଭୋଟ ପାଇଛନ୍ତି। ନୟାଗଡ଼ ବ୍ଲକ ୧୨ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ସୁବାସ ଚନ୍ଦ୍ର କଅଁର ୨୦୮୪ ଭୋଟରେ ଭାଜପା ପ୍ରାର୍ଥୀ ସନ୍ତୋଷ ପ୍ରଧାନଙ୍କୁ ପରାସ୍ତ କରିଛନ୍ତି । ସୁବାସ ୧୩ ହଜାର ୦୩୪, ସନ୍ତୋଷ ୧୦ହଜାର ୯୫୦, କଂଗ୍ରେସର ବୃନ୍ଦାବନ ନାୟକ ୩୬୫ ଖଣ୍ଡ ଭୋଟ ପାଇଛନ୍ତି । ନୂଆଗାଁ ବ୍ଲକର ୧୬ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଜସ୍ମିନି ଦାସ ୬ହଜାର ୩୩୭ ଭୋଟରେ ଭାଜପା ପ୍ରାର୍ଥୀ ସନ୍ଧ୍ୟାରାଣୀ ସେଠୀଙ୍କୁ ପରାସ୍ତ କରିଛନ୍ତି । ଜସ୍ମିନି ୧୬ହଜାର୨୬୦,ସନ୍ଧ୍ୟାରାଣୀ ୯ ହଜାର ୯୨୩, କଂଗ୍ରେସ ପ୍ରାର୍ଥୀ ରଜନୀ ଦାସ ୨୧୮୯, ବହୁଜନ ସମାଜ ପାର୍ଟିର ରୀତା ନାୟକ ୧୭୯ ଭୋଟ ପାଇଛନ୍ତି। ଭାପୁର ବ୍ଲକର୧୮ ନଂ. ଜୋନ୍‌ରେ ବିଜେଡିର ଧର୍ମେନ୍ଦ୍ର ଧଳ ୧୦ ହଜାର ୬୪୪ ଭୋଟରେ ସ୍ୱାଧୀନ ପ୍ରାର୍ଥୀ ଶରତ ଚନ୍ଦ୍ର ସାହୁଙ୍କୁ ପରାସ୍ତ କରିଛନ୍ତି। ଧର୍ମେନ୍ଦ୍ର ୧୭ ହଜାର ୦୫୧, ଶରତ ୬ ହଜାର ୪୦୭, ଭାଜପାର ପ୍ରଦୀପ୍ତ କିଶୋର ପଟ୍ଟନାୟକ ୨୬୯୦, କଂଗ୍ରେସ ପ୍ରାର୍ଥୀ ଅନୁପମା ଧଳ ୪୦୫ ଭୋଟ ପାଇଛନ୍ତି । ସେହିଭଳି ରଣପୁର ବ୍ଲକର ୨୧ ନଂ.ଜୋନ୍‌ରେ ବିଜେଡି ପ୍ରାର୍ଥୀ ରଜନୀରାଣୀ ପଟ୍ଟନାୟକ ୨ ହଜାର ୯୦୭ ଭୋଟରେ ଭାଜପାର ସସ୍ମିତା ମାର୍ଥାଙ୍କୁ ପରାସ୍ତ କରିଛନ୍ତି । ରଜନୀରାଣୀ ୧୨ ହଜାର ୬୪୨, ସସ୍ମିତା ୯ ହଜାର ୭୩୫, କଂଗ୍ରେସର ସରୋଜିନୀ ପରିଡ଼ା ୯୦୦ ଭୋଟ ପାଇଛନ୍ତି ।


ପନ୍ତିଖାରି ପଞ୍ଚାୟତରେ ରବିବାର ବାହାରିଥିବା ବିଜୟ ଶୋଭାଯାତ୍ରା ।

**ପ୍ରଥମ ପର୍ଯ୍ୟାୟ ଫଳାଫଳ**

- ୭ ଆସନରେ ଭାଜପା ସହ ଲଢ଼େଇ
- ଭାପୁର ୧୮ନଂ.ଜୋନ୍‌ରେ ସ୍ୱାଧୀନ ପ୍ରାର୍ଥୀଙ୍କ ସହ ଟକ୍କର

## କୋମଣ୍ଡ ମା'ଅନ୍ଧାର ବାଉତି ମନ୍ଦିରରେ ଭଙ୍ଗାରୁଜା

**ଓଡ଼ଗାଁ,୨୭।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳରେ ମନ୍ଦିର ଚୋରି ଘଟଣା ବୃଦ୍ଧି ପାଇଛି । ସ୍ଥାନୀୟ ରଘୁନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ହୋଇଥିଲା । ଏହି ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଗିରଫ କରି ବାଳ ସୁଧାର ଗୃହକୁ ପଠାଯାଇଥିଲା । ଏହି ଘଟଣାରେ ଅନ୍ୟ ସହଯୋଗୀମାନେ ଫେରାର ଅଛନ୍ତି । ସେହିପରି କୋମଣ୍ଡ-ଉଦୟପୁର ରାସ୍ତାରେ ବିଜେ ମା'ଅନ୍ଧାର ବାଉତି ଠାକୁରାଣୀ ମନ୍ଦିରରେ କୌଣସି ଦୁର୍ବୃତ୍ତ ପଶି ଭଙ୍ଗାରୁଜା କରିବା ସହିତ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ବାହାରେ ଫୋପାଡ଼ି ଦେଇଥିଲେ । ଏପରିକି ପୂଜାରେ ବ୍ୟବହୃତ ହେଉଥିବା ପିତଳ ଘଣ୍ଟି ଘଣ୍ଟା ଆଦି ସାମଗ୍ରୀ ବାହାରେ ପଡିଥିବା ଦେଖିବାକୁ ମିଳିଛି । ଶନିବାର ପ୍ରଥମ ପର୍ଯ୍ୟାୟ ଭୋଟ ଗଣତି ଥିଲା । କେହି ପରାଜିତ ପ୍ରାର୍ଥୀ ବିଳମ୍ବିତ ରାତିରେ ଏପରି ଘଟଣା ଘଟାଇଥିବା ଅନୁମାନ କରାଯାଉଛି । କେହି ପରାଜୟ ପରେ ରାଗ ସୁଝାଇବାକୁ ମନ୍ଦିରରେ ଭଙ୍ଗାରୁଜା କରିଥିବା ଗ୍ରାମବାସୀ ଆଲୋଚନା କରୁଛନ୍ତି । ଏନେଇ ରବିବାର ଗ୍ରାମବାସୀ ଥାନାରେ ଅଭିଯୋଗ କରିବାପରେ ପୋଲିସ ତଦନ୍ତ କରୁଛି ।

# ଫରକ ପକାଇଲା ନାହିଁ ଗୋଷ୍ଠୀ କନ୍ଦଳ

**ନୟାଗଡ଼ ଅଫିସ,୨୭।୨**

ନୟାଗଡ଼ ଜିଲାରେ ଶାସକଦଳ ବିରୋଧରେ ପ୍ରବାହିତ ପବନ ଦିଗ ପରିବର୍ତ୍ତନ କଲା । ଫଳରେ ପ୍ରଥମ ପର୍ଯ୍ୟାୟ ଭୋଟ ଗଣତିରେ ଶାସକ ଦଳକୁ ବଡ଼ ସଫଳତା ମିଳିଛି । ବିଜେଡି ନିଜ ଗଡ଼ ରକ୍ଷା କରିବାକୁ ସଫଳ ହୋଇଛି । ଜିଲାର ଦଶପଲ୍ଲା,ରଣପୁର, ଖଣ୍ଡପଡ଼ା ଓ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଶାସକଦଳରେ ଗୋଷ୍ଠୀ କନ୍ଦଳ ଲାଗି ରହିଥିଲା । ହେଲେ ଭାପୁର ବ୍ଲକର ୧୮ନଂ, ରଣପୁର ବ୍ଲକର ୨୧ନଂ, ଓଡ଼ଗାଁ ବ୍ଲକର ୧ନଂ, ନୂଆଗାଁ ବ୍ଲକର୧୬, ଦଶପଲ୍ଲା ବ୍ଲକର ୯ନଂ, ଗଣିଆ ବ୍ଲକର ୮ନଂ, ଖଣ୍ଡପଡ଼ା ବ୍ଲକର ୫ ନଂ, ନୟାଗଡ଼ ବ୍ଲକର ୧୨ନଂ. ଜିଲାପରିଷଦ ଜୋନ୍ ପରି ୮ ବ୍ଲକର ୮ ଜୋନ୍‌ର ଫଳାଫଳକୁ ଅନୁଧ୍ୟାନ କଲେ ଗୋଷ୍ଠୀ କନ୍ଦଳର କିଛି ଫରକ ପଡି ନ ଥିବା ସ୍ପଷ୍ଟ ହେଉଛି ।

ଖଣ୍ଡପଡ଼ା ଓ ଭାପୁର ବ୍ଲକକୁ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଆଦୌ ନିର୍ବାଚନ ପ୍ରଚାର କରିବାକୁ ଆସି ନ ଥିଲେ । ହେଲେ ସ୍ଥାନୀୟ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଜିତିବାରେ କୌଣସି ଅସୁବିଧା ହୋଇନାହିଁ। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯେଉଁ ଗାଁକୁ ଭୋଟ ପ୍ରଚାର କରିବାକୁ ଯାଉଥିଲେ, ଅଧିକାଂଶ ସ୍ଥାନରେ ବିବାଦ, ଅସନ୍ତୋଷ ଓ କନ୍ଦଳ ଆରମ୍ଭ ହେଉଥିଲା । ଏପରି କି କର୍ମୀଙ୍କ ମଧ୍ୟରେ ମାରପିଟ୍ ଘଟିଥିଲା । ଆଶା କରାଯାଉଥିଲା ଦଳୀୟକନ୍ଦଳ ଜିଲାପରିଷଦ ପ୍ରାର୍ଥୀଙ୍କ ପାଇଁ ସମସ୍ୟା ଆଣିବ । ତେବେ ସେପରି କିଛି ହେଲା ନାହିଁ। ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କୁ ବିଭିନ୍ନ ସମୟରେ ଦଳୀୟ କର୍ମୀ, ସମର୍ଥକ ଓ ଭୋଟରଙ୍କ ରୋଷର ଶିକାର ହେବାକୁ ପଡିଥିଲା। ହେଲେ ସେହି ଅସନ୍ତୋଷ ନିର୍ବାଚନ ଫଳାଫଳରେ ଦେଖିବାକୁ ମିଳିନି। ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶାସକ ଦଳର କେତେଜଣ ନେତା, କର୍ମୀ ଲାଗି ପଡିଥିଲେ । ହେଲେ କିଛି ସୁଫଳ ମିଳିନି । ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ବିଭିନ୍ନ ସ୍ଥାନରେ ବିଜୟ ହେବେ ବୋଲି ପ୍ରଚାର ଚାଲିଥିଲା। ହେଲେ ନିର୍ବାଚନର ପୂର୍ବରାତିରେ ଚର୍ଚ୍ଚା ଲୁଚି ଯାଇଥିଲା । ଏନେଇ ଭାଜପା ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ପଞ୍ଚାୟତ ନିର୍ବାଚନରେ ଭଲ ପ୍ରାର୍ଥୀ ଦେଇଥିଲୁ । ପ୍ରାର୍ଥୀଙ୍କୁ ସହଯୋଗ କରିଥିଲୁ। ଭାଜପା ସପକ୍ଷରେ ଭଲ ହାୱା ଥିଲା । ହେଲେ କଳା ପଇସା ଆଗରେ ଆମେ ନାଚାର ହୋଇଗଲୁ । ବୁଥ୍ ଜବରଦଖଲ କରି ପାରିଲୁନି । ଶାସକ ଦଳ ପରି ପ୍ରଶାସନକୁ ନିଜ ସପକ୍ଷରେ ନେଇ କାମ କରିପାରୁଲନି । ଭୋଟରଙ୍କୁ ଟଙ୍କାବାଣ୍ଟି ନିଜର କରି ପାରୁଲୁନି। ହେଲେ ଆମ ଭୋଟ ବଢ଼ିଛି । ଆମେ ଶାସକ ଦଳକୁ ଟକ୍କର ଦେଇଛୁ । ଆମକୁ ଭୋଟର ୨ୟ ସ୍ଥାନ ଦେଇଛନ୍ତି । ତେବେ ନିର୍ବାଚନରେ ହାରିବାର ତ୍ରୁଟି ଆମେ ଖୋଜିବୁ । ଆମର ଭୁଲକୁ ସଂଶୋଧନ କରିବୁ । କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ବିଜେଡି ଜିତିପାରେ । କିନ୍ତୁ ବିଜେଡିର ଭୋଟ ହାର ହ୍ରାସ ପାଇଛି । ଯାହାକି ୨୦୨୪ ବିଧାନସଭା ନିର୍ବାଚନରେ ଘାତକ ସାଜିବ। ଭୋଟରେ ଜିତିବା ପାଇଁ କଂଗ୍ରେସ ଗାଁ ଗାଁରେ ନିୟମ କରାଇ ପାରିଲାନି । ପୁଣି କଙ୍ଗାରୁ କୋର୍ଟ କରି ଭୋଟରଙ୍କୁ ଭୟଭୀତ କରି ପାରିଲୁ ନାହିଁ । ପ୍ରତି ୱାର୍ଡରେ ସର୍ବାଧିକ ୫ରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରୁଲାନି । ଶାସକ ଦଳର ସହଯୋଗ ଆମେ ନେଇ ପାରିଲୁ ନାହିଁ। ଆଶା,ଅଙ୍ଗନୱାଡି,ମହିଳାଶକ୍ତି ଆମପାଖରେ ନାହିଁ । ସେମାନଙ୍କୁ ନେଇ ଆମେ କାମ କରିପାରିଲୁ ନାହିଁ। ମାଗଣାରେ ଯେତିକି ଭୋଟ ମିଳିଛି ସେତିକିରେ ଆମେ ସନ୍ତୁଷ୍ଟ ରହି ଭୋଟରଙ୍କୁ ଧନ୍ୟବାଦ ଦେଉଛୁ । ତେବେ ଆମର ଭୋଟ ବଢ଼ିଛି। ଭୋଟର ଆମକୁ ବିଜୟୀ ଅଥବା୨ୟ ସ୍ଥାନ ଦେଇନାହାନ୍ତି । ଭୋଟର ଆମ କଥା ଶୁଣିଛନ୍ତି। ଆମେ ପୁଣି ନିଜକୁ ପରିବର୍ତ୍ତନ କରିବୁ । ପରାଜୟର କାରଣ ଖୋଜିବୁ । ସଙ୍ଗଠନକୁ ମଜବୁତ୍ କରିବୁ। ଭୋଟରଙ୍କୁ ଧନ୍ୟବାଦ । ଆସନ୍ତା ଭୋଟ ଫଳାଫଳକୁ ମଧ୍ୟ ଆମେ ଲକ୍ଷ୍ୟ ରଖିଛୁ। ବିଜେଡିର ଜିଲା ସଭାପତି ରମେଶ ଚନ୍ଦ୍ର ବେହେରାଙ୍କୁ ଏ ସଂକ୍ରାନ୍ତରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ ।

# ଜଣେ ସ୍ୱାଧୀନ, ୬ ବିଜେଡି ପ୍ରାର୍ଥୀ ଆଗୁଆ

**ନୟାଗଡ଼ ଅଫିସ/ରଣପୁର/ଓଡ଼ଗାଁ/ ଖଣ୍ଡପଡ଼ା/ଦଶପଲ୍ଲା/ଗଣିଆ/ନୂଆଗାଁ, ୨୭।୨ (ଡି.ଏନ୍.ଏ.)/(ସ୍ୱ.ପ୍ର)**

ରବିବାର ଦ୍ୱିତୀୟ ଦିବସରେ ୭ ଜୋନ୍‌ର ଭୋଟ ଗଣତି ଚାଲିଛି। ରାତି ୯ଟା ସୁଦ୍ଧା ଜଣେ ସ୍ୱାଧୀନ ପ୍ରାର୍ଥୀ ଓ ୬ ବିଜେଡି ପ୍ରାର୍ଥୀ ଆଗୁଆ ଅଛନ୍ତି । ୨ ନମ୍ବର ଜିଲା ପରିଷଦ ଜୋନ୍‌ର (ଓଡ଼ଗାଁ ବ୍ଲକ) ବିଜେଡି ପ୍ରାର୍ଥୀ ବିରଜାଲକ୍ଷ୍ମୀ ସାହୁ ଭାଜପା ପ୍ରାର୍ଥୀ ଆରତୀ କୁମାର ଗୌଡଙ୍କଠାରୁ ସପ୍ତମ ରାଉଣ୍ଡ ସୁଦ୍ଧା ୬୨୮୩ ଭୋଟରେ ଆଗୁଆ ଅଛନ୍ତି । ୬ ନମ୍ବର ଜିଲା ପରିଷଦ ଜୋନ୍‌ର (ଖଣ୍ଡପଡ଼ା ବ୍ଲକ) ସ୍ୱାଧୀନ ପ୍ରାର୍ଥୀ ଉଜ୍ଜ୍ୱଳ ମହାରଣା ବିଜେଡି ପ୍ରାର୍ଥୀ ରଶ୍ମିତା ସାହୁଙ୍କ ଠାରୁ ଦଶମ ରାଉଣ୍ଡରେ ୧୬୬୪ ଭୋଟରେ ଆଗୁଆ ଅଛନ୍ତି । ସେହିପରି ୧୦ନମ୍ବର ଜିଲା ପରିଷଦ ଜୋନ୍‌ର(ଦଶପଲ୍ଲା ବ୍ଲକ) ବିଜେଡି ପ୍ରାର୍ଥୀ ସତ୍ୟଭାମା ନାୟକ ସ୍ୱାଧୀନ ପ୍ରାର୍ଥୀ ମମତା ପ୍ରଧାନଙ୍କଠାରୁ ନବମ ରାଉଣ୍ଡ ସୁଦ୍ଧା ୩ହଜାର୧୭୨ ଭୋଟରେ ଆଗୁଆ ଅଛନ୍ତି । ୧୩ନମ୍ବର ଜିଲା ପରିଷଦ ଜୋନ୍‌ର(ନୟାଗଡ଼ ବ୍ଲକ) ବିଜେଡି ପ୍ରାର୍ଥୀ କ୍ଷୀରୋଦ କୁମାର ମହାପାତ୍ର ଭାଜପା ପ୍ରାର୍ଥୀ ନାସିର ଅହମ୍ମଦଙ୍କ ଠାରୁ ସପ୍ତମ ରାଉଣ୍ଡ ସୁଦ୍ଧା ୧୨ହଜାର ୩୭୯ଭୋଟରେ ଆଗୁଆ ଅଛନ୍ତି । ଅନ୍ୟପକ୍ଷେ ୧୭ନମ୍ବର ଜିଲା ପରିଷଦ ଜୋନ୍‌ର(ନୂଆଗାଁ ବ୍ଲକ) ବିଜେଡି ପ୍ରାର୍ଥୀ ପ୍ରତିମା ଦଳବେହେରା ଭାଜପା ପ୍ରାର୍ଥୀ ପାର୍ବତୀ ମୁଦୁଲିଙ୍କଠାରୁ ନବମ ରାଉଣ୍ଡ ସୁଦ୍ଧା ୨୨୭୫ ଭୋଟରେ ଆଗୁଆ ଅଛନ୍ତି । ୧୯ନମ୍ବର ଜିଲା ପରିଷଦ ଜୋନ୍‌ର( ଭାପୁର ବ୍ଲକ) ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ସାହୁ ଭାଜପା ପ୍ରାର୍ଥୀ କାର୍ତ୍ତିକ ଚନ୍ଦ୍ର ନାୟକଙ୍କଠାରୁ ଅଷ୍ଟମରାଉଣ୍ଡରେ ୩୮୦୦ ଭୋଟରେ ଆଗୁଆ ରହିଛନ୍ତି । ୨୨ନମ୍ବର ଜିଲା ପରିଷଦ ଜୋନ୍‌ର(ରଣପୁର ବ୍ଲକ) ବିଜେଡି ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ ଭାଜପା ପ୍ରାର୍ଥୀ ମହେନ୍ଦ୍ର କୁମାର ସାହୁଙ୍କଠାରୁ ନବମ ରାଉଣ୍ଡ ସୁଦ୍ଧା ୨୫୬୪ ଭୋଟରେ ଆଗୁଆ ରହିଛନ୍ତି ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଈଶାନୀ

**ଦଶପଲ୍ଲା,୨୭।୨(ଡି.ଏନ.ଏ.)**

ତୁଳସୀ ଦୁଇ ପତ୍ରରୁ ବାସିବା ପରି ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ କୁଞ୍ଜନଗଡ଼ ବ୍ରାହ୍ମଣ ସାହିର ସ୍ୱର୍ଗତ ମାଧବାନନ୍ଦ ଦାଶ ଓ ବିଦ୍ୟୁତଲତା ଦାଶଙ୍କ ନାତୁଣୀ ଈଶାନୀ ଦାଶ(୨ବର୍ଷ ୪ମାସ) ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି । ସେ ଆଜି ପର୍ଯ୍ୟନ୍ତ କୌଣସି ଶିକ୍ଷାନୁଷ୍ଠାନ ଯାଇ ନାହାନ୍ତି । ବାପା ବିଭୁଦତ୍ତ ଦାଶ, ମାଆ ପଦ୍ମଜା ମିଶ୍ର ଓ ପରିବାର ଲୋକଙ୍କ ଉଦ୍ୟମରେ ଈଶାନୀ ସଂସ୍କୃତରେ ବିଭିନ୍ନ ଶ୍ଳୋକ ମୁଖସ୍ଥ କରିପାରିଛନ୍ତି । ଏଥିସହିତ ପଶୁପକ୍ଷୀ, ଜାତୀୟ ସଙ୍ଗୀତ,ଜାତୀୟ ସଙ୍କେତ ମନେ ରଖି ପାରୁଛନ୍ତି । ଇଂଲିଶରେ ୧ରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା, ୧୦ଟି ଯାନବାହାନ, ୫ ପ୍ରକାରର ପକ୍ଷୀ, ଫଳ, ପରିବା, ଆଙ୍ଗୁଠି ଏବଂ ଅଙ୍ଗର ନାମ, ୧୨ ମାସର ନାମକୁ ସେ ସ୍ପଷ୍ଟ ଭାବେ କହି ପାରୁଛନ୍ତି । ଏହି କୃତୀତ୍ୱ ପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି ।


ରେକର୍ଡ ଓ ମେଡାଲ ସହ ଈଶାନୀ ।

## ମଣିନାଗପୀଠରେ ବିଜୟା ଏକାଦଶୀ


ମଣିନାଗ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

**ଦଶପଲ୍ଲା,୨୭।୨(ଡି.ଏନ.ଏ.)**

ଦଶପଲ୍ଲା ପଶ୍ଚିମାଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ମା'ମଣିନାଗ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଓ ବିଜୟା ଏକାଦଶୀ ଗତ ୨୫ରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଛି । ବୁଗୁଡ଼ା ଗ୍ରାମର ମୂଳ ଶକ୍ତିପୀଠ ଓ ବୁଗୁଡ଼ା କଲୋନୀ ଶକ୍ତିପୀଠରେ ଅନୁଷ୍ଠିତ ଏହି ପୂଜା ଅବସରରେ କଳସ ଶୋଭଯାତ୍ରା, ହୋମ ଓ ଅଖଣ୍ଡ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସରେ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ପୂଜାର୍ଚ୍ଚନା କରିଥିଲେ । ତୃତୀୟ ଦିବସରେ ଯଥାବିଧି ବିଜୟା ଏକାଦଶୀ ପାଳିତ ହୋଇଥିଲା। ପ୍ରତିବର୍ଷ ଏହି ପୂଜାରେ ଦଶପଲ୍ଲା ପଶ୍ଚିମାଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମାତୃକୃପା ଲାଭ କରିଥାନ୍ତି । ଚଳିତ ବର୍ଷ କରୋନା କଟକଣାକୁ ନଜରରେ ରଖି ପୂଜା ଓ ମହୋତ୍ସବ ପାଳନ କରାଯାଇଥିଲା । ରାତିରେ ମଞ୍ଚସ୍ଥ ରାମ ନାଟକ ଦର୍ଶକଙ୍କ ମନ ମୋହିଥିଲା ।

# ସିଦ୍ଧିଦୁର୍ଗା ପାହାଡ଼ରୁ ଆସିଥିଲା ୭୩୦ ପଥର

- ଅରାଗଡ଼ ପାହାଡ଼ରୁ ପଥର ଆଣିବା ବେଳେ ଶିବିର ପଡ଼ିଥିଲା ତରାବୋଇ ଗାଁରେ
- ନୀଳଗିରିରୁ ପଥର ଆଣିବାକୁ ସାତୋଟି ନଦୀପଥ ଅତିକ୍ରମ କରିବାକୁ ପଡୁଥିଲା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ବରେନ୍ ପାହାଡ଼ ପଥର ଚିହ୍ନଟ ଦଳର ଦଳପତି ଥିଲେ ଗଦେଇ ମହାରଣା। ଗଦେଇ ମହାରଣା ଆଜି ନାହାନ୍ତି କି ବରେନ୍ ପାହାଡ଼ ବି ନାହିଁ। ତରାବୋଇ ଗାଁଲୋକେ ଚାଉଳ କେବଳ ଯୋଗେଇଥିଲେ ତା'ନୁହେଁ, ସେ ଗାଁରେ ଦିନେ ପଥୁରିଆଙ୍କ ପାଇଁ ଶିବିର ପଡ଼ିଥିଲା।

ଅରାଗଡ଼ ପାହାଡ଼ରେ ପଥର ଚିହ୍ନଟ ପାଇଁ ପହଞ୍ଚିବା ପରେ ରହିଥିଲେ ତରାବୋଇ ଗାଁରେ। ଦଳପତି ଥିଲେ ନିଧି ମହାରଣା। କାର୍ଯ୍ୟନିର୍ବାହ କରିବା ପାଇଁ ବୀରଭଞ୍ଜ ପରିଦର୍ଶନ ଦାୟିତ୍ୱରେ ଥିଲେ। ତରାବୋଇରେ ଭଞ୍ଜ ବଂଶର ଦାୟାଦଙ୍କୁ ଚିହ୍ନଟ କରିହେଲାନି। ତେବେ ସେ ଅରାଗଡ଼ର ହୋଇପାରନ୍ତି। ଭଞ୍ଜ ଏକ ସାଙ୍ଗିଆ ନୁହେଁ, ଏକ ରାଜ ଉପାଧି। ଶିବିର ପଡ଼ିଥିଲା ୩ ମାସ ୧୦ ଦିନ। ଶିବିର ପାଇଁ ଟିକରପଡ଼ା ଭଣ୍ଡାରରୁ ଆସିଲା ୧୭ ଭରଣ ୧୨ ଗୌଣୀ ଚାଉଳ। ସୁନା ଖର୍ଚ୍ଚ ହେଲା ୪୨୮ ମାଢ଼।

ଏଠାରୁ ୧୩୦୭ ଖଣ୍ଡ ରେଗେଡ଼ା କୁଣ୍ଡାପଥର କଟାଗଲା। କଟାଳି ନେଲେ ୩୪ ମାଢ଼ ସୁନା। ପଥର ବୋହିବାକୁ ଲାଗିଲା ୩୪୦ ମାଢ଼ ସୁନା। ଅରାଗଡ଼ରୁ ଏକ ପାଣି ଦଣ୍ଡା (ପ୍ରାକୃତିକ କେନାଲ) ଥିଲା ଦୟାନଦୀ ପର୍ଯ୍ୟନ୍ତ। ଚାପ ଆସିବାକୁ ତାହା ଖୋଳାଯାଇଥିଲା। ୩ଟି ବଡ଼ ଚାପରେ ପଥର ପହଞ୍ଚିଥିଲା ଦୟାନଦୀରେ। ସେଠୁ ୧୦ଟି ବଡ଼ ନୌକାରେ ଚାପରୁ କିଛି ପଥର କଢ଼ାଯାଇ ଲଦାଗଲା। ପଥର ଚାପ ଓ ନାହା ଚାଲିଲେ କୁଆଖାଇ ନଦୀକୁ। କୁଆଖାଇରୁ ସୋଲ ନଦୀକୁ। ଦୟା ନଦୀ ବହୁ ଇତିହାସର ସାକ୍ଷୀ। କୋଣାର୍କକୁ ପଥର ଆସିବାର ସାକ୍ଷୀ, ସତରେ ସେ କଥା କହିପାରୁଥାନ୍ତା କି! ଏହା ଥିଲା କୋଣାର୍କକୁ ଷୋହଳତମ ପଥର ଆସିବାର ପ୍ରସଙ୍ଗ।


ସିଦ୍ଧିଦୁର୍ଗା ପାହାଡ଼ରେ ଥିବା ପ୍ରଜ୍ଞା ପାରମିତା ପୀଠ। (ଫଟୋ: ଦେବ କୁମାର, ନରସିଂହପୁର)

ତାପଙ୍ଗ ମଧ୍ୟ ଦୟା ନଦୀ ପରି ଓଡ଼ିଶା ଇତିହାସର ଅନ୍ୟତମ ସାକ୍ଷୀ। ଠିକ୍‌ସେମିତି ସୋଲ ନଦୀ ମଧ୍ୟ। ସୋଲ ନଦୀକୁ ଚାପ ନ ଆସିଲେ ଉଦିପୁର ଦଣ୍ଡାକୁ ଆସିପାରିବ ନାହିଁ। ଉଦିପୁର ଦଣ୍ଡା ସିଧା ପଦ୍ମତୋଳା ଗଣ୍ଡ ଦିଗରେ ସଂଯୋଗ ହୋଇଥିଲା।

ତାପଙ୍ଗମାଳର ୨୩୪ଟି ନାଲି ରେଗେଡ଼ା ସାହାଣ ପଥର ଦୟା ନଦୀ-ମହା ନଦୀ-ସୋଲ ନଦୀ-ଉଦିପୁର ଦଣ୍ଡା ଦେଇ ପଦ୍ମତୋଳା ଗଣ୍ଡ ନିକଟରେ ପହଞ୍ଚିଥିଲା। ତାପଙ୍ଗମାଳର ଭୀମଟାଙ୍ଗିରୁ ଏହି ପଥର ଆସିଥିଲା। ପଥୁରିଆଙ୍କ ଦଳପତି ଥିଲେ ନାରାୟଣ ମହାରଣା। ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ କାର୍ଯ୍ୟ ତଦାରଖ କରୁଥିଲେ ବୀରମଲ୍ଲ। ତାପଙ୍ଗରେ ଶିବିର ପଡ଼ିଥିଲା ଚାରିମାସ। ଖର୍ଚ୍ଚ ହେଲା ୧୮୦ ମାଢ଼ ସୁନା। ତାପଙ୍ଗ ଭୀମଟାଙ୍ଗିରୁ ପଥର ଆସିବା ସତର ଥର, ଅଠର ଥର ପଥର ଆସିଥିଲା ନୀଳଗିରିରୁ। ନୀଳଗିରିରେ ଥିବା 'ପିଠଉଶୁଣି' ପାହାଡ଼ ତଳେ ଥିବା ବାହାରମୁଣ୍ଡା ଗାଁ ମୁଣ୍ଡରେ ଶିବିର ପକେଇ ରହିଥିଲେ ପଥୁରିଆ। ଦଳପତି ନାରାୟଣ ମହାପାତ୍ରଙ୍କ ସହିତ ଯାଇଥିଲେ ୧୭୦ ଜଣ ପଥୁରିଆ। ଏଠିକି ସବୁଠାରୁ ଅଧିକ ପଥୁରିଆ ଯାଇଥିବାର ଜଣାପଡୁଛି। ରହିଲେ ଦୀର୍ଘ ସାତ ମାସ। ଦାୟିତ୍ୱ ନେଇଥିଲେ ରତ୍ନ ଶର୍ମା। ପଥର କଟାଯିବା ପରେ ସାଙ୍ଗି ମାଧ୍ୟମରେ ପଥର ବୁହାହେଲା ବିରୁଡ଼ିନାଳିଆ ପାଖକୁ। ବିରୁଡ଼ିନାଳିଆରୁ ଭସାଣଦଣ୍ଡାକୁ ଆଉ ଏକ ଦଣ୍ଡା ବା କେନାଲ ଥିଲା। ତାକୁ କୁହାଯାଉଥିଲା ମହାନଦୀନାଳିଆ। ନୀଳଗିରିରୁ ଜଳପଥରେ ପଥର ଆଣିବା ସହଜ ନ ଥିଲା। ସେଥିପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ସରିଥିଲା। ମହାନଦୀନାଳିଆ ସଂଯୋଗ ହୋଇଥିଲା ଭଷାଣଦଣ୍ଡା ସହିତ। ଭଷାଣଦଣ୍ଡା ଦେଇ ଚାପ ପହଞ୍ଚିଥିଲା 'ବାହାରିଆଜୋର'ରେ। ବାହାରିଆ ଜୋରରୁ ଚିତ୍ରୋତ୍ପଳା ଗଣ୍ଡ, ସେଠାରୁ ସୋଲ ନଦୀ। ସୋଲ ନଦୀ ଗଣ୍ଡରୁ ଉଦିପୁର ଦଣ୍ଡା, ତା'ପରେ ପଦ୍ମତୋଳା ଗଣ୍ଡ।

ବିରୁଡ଼ିନାଳିଆ, ମହାନଦୀନାଳିଆ, ଭସାଣଦଣ୍ଡା, ବାହାରିଆ ଜୋର, ଚିତ୍ରୋତ୍ପଳା ଗଣ୍ଡ, ସୋଲ ନଦୀ ଗଣ୍ଡ, ଉଦିପୁର ଦଣ୍ଡା, ପଦ୍ମତୋଳା ଗଣ୍ଡ। ସାତୋଟି ଜଳପଥ ଦେଇ ଚାପଦଳେଇ ଚାପରେ ପହଞ୍ଚେଇବା ପରେ ସେତେବେଳେ ନେଇଥିଲେ ୧୩୦ ମାଢ଼ ସୁନା। ଅନ୍ୟ ଖର୍ଚ୍ଚ ୧୬୬ ମାଢ଼। ଚାଉଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ଯୋଗାଇଥିଲେ ରେମୁଡ଼ା ଦଣ୍ଡପାଟର ମୁଖିଆ। ପଥୁରିଆ, ଦଳପତି ଓ ଚାପଦଳେଇଙ୍କୁ ସାଧାରଣ ଲୋକେ ସାହାଯ୍ୟ ଓ ସହଯୋଗ କରି ନ ଥିଲେ ଏତେ ଶୃଙ୍ଖଳିତ ଭାବରେ କୌଣସି ଅଘଟଣ ନ ଘଟି ସୁବିଧାରେ ଆସି ପଥର ପଦ୍ମତୋଳା ଗଣ୍ଡରେ ପହଞ୍ଚିପାରି ନ ଥାନ୍ତା।

ନୀଳଗିରିରୁ ପଥର ଆସି ପହଞ୍ଚିବା ପରେ ବାଣେଶ୍ୱରନାସୀରୁ ପଥର ଆସିଥିଲା। ବାଣେଶ୍ୱରନାସୀ ଅଞ୍ଚଳ ବଡ଼ମ୍ବା-ନରସିଂହପୁର ଗଡ଼ଜାତ ଅଞ୍ଚଳରେ ଅବସ୍ଥିତ। ବାଣେଶ୍ୱରନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବାଲିଆ ହଳଦିଆ ସାହାଣ ପଥର ୭୩୦ ଖଣ୍ଡ ଆସିଥିଲା। ମହାନଦୀ କୂଳରେ ଏହି ପାହାଡ଼ ଅବସ୍ଥିତ। ଦେବୀ ଭଟ୍ଟାରିକାଙ୍କ ପୀଠଠାରୁ ଅଳ୍ପ ଦୂରରେ। ଏହି ପାହାଡ଼ରେ ରହିଛି ପ୍ରଜ୍ଞା-ପାରମିତା ପୀଠ। ବୌଦ୍ଧ ଧାରାର ମହାନ୍ ସାଧିକା ପ୍ରଜ୍ଞାପାରମିତା ଏହି ପାହାଡ଼ରେ ସାଧନା କରିଥିବାର ଐତିହ୍ୟ ରହିଛି। ପାହାଡ଼ର ପାଦଦେଶରେ ରହିଥିଲା 'ବୁଦ୍ଧେଶ୍ୱର ଗାଁ'। ଏଇ ଗାଁରେ ଶିବିର ପଡ଼ିଥିଲା ୩ମାସ ୧୮ ଦିନ। ପଥୁରିଆମାନଙ୍କ ସହିତ ଦେଖାରଖା କରିବାକୁ ରହିଥିଲେ ମଧୁ ମହାରଣା ଓ ବୀର ଓଝା। ପଥର କଟାଳିଙ୍କ ମୁଖିଆ ବୀର ବଡ଼ଜେନା ତଦାରଖ ଦାୟିତ୍ୱରେ ଥିଲେ। ଶିବିର ଖର୍ଚ୍ଚ ସହିତ ମୋଟ ୧୨୬ ମାଢ଼ ସୁନା ଖର୍ଚ୍ଚ ହୋଇଥିଲା। ବଡ଼ବଡ଼ ଆକାରର ପଥର କାଟିବାକୁ ଅଲଗା ୭ ମାଢ଼ ସୁନା ଦିଆଯାଇଥିଲା। ଏହାକୁ ମିଶାଇ ୧୯ ଥର ପଥର ଆସିଲା କୋଣାର୍କକୁ।

